






# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ । ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ' । ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ । ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା । ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ । ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି । କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି । ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ । ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ । ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ । ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମାୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେ୍ବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ପୁରୀ ପାଇଁ ଐତିହାସିକ ଦିନ : ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର । ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି । ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।



ଓଡ଼ିଶା ଆର୍ଥ୍ରାଇଟିସ୍ ଓ ରିଉମାଟୋଲୋଜି ଫାଉଣ୍ଡେସନ ଟ୍ରଷ୍ଟ ଏବଂ ଓଏଆର୍ସି ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ସଚେତନତା ଶୋଭାଯାତ୍ରା

# ଆନନ୍ଦପୁର ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧିକାରୀ ବିରଞ୍ଚି ପ୍ରସାଦ ଦେହୁରୀ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠିଙ୍କ ତତ୍ତ୍ୱାବଧାନରେ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଥିଲା । ଆନନ୍ଦପୁରର ୧୮ଟି ପଂଚାୟତରୁ ୧୩୬ଜଣ ହିତାଧିକାରୀ ଅଭିଯୋଗରେ ନିଜ ନିଜର ଅଭିଯୋଗ ପ୍ରଦାନ କରିଥିବା ବେଳେ ମୁଖ୍ୟତଃ ଆନନ୍ଦପୁର ବରିଷ୍ଠ ନାଗରିକ ମାନଙ୍କ ଦ୍ୱାରା ଆନନ୍ଦପୁର ଟ୍ରାଫିକ ବ୍ୟବସ୍ଥା, ଶବଦାହ ଗୃହ, ପୌରପରିଷଦର ଅଚଳାବସ୍ଥାକୁ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସର୍ବଚିତା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ତଥା ସମାଜସେବୀ ଝାନ୍ସିରାଣୀ ଦାସ ଦୀର୍ଘଦିନ ହେବ ହାଟଡିହି ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନଥିବା ଏବଂ ଫାର୍ମାସିଷ୍ଟଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସାଳୟ ଚାଲୁଥିବା ବେଳେ ଏହି ଡାକ୍ତରଖାନା ଉପରେ ହାଟଡିହି ବ୍ଲକର ୩୧ଟି ପଂଚାୟତର ଜନସାଧାରଣ ନିର୍ଭରକରୁଛନ୍ତି । ଉକ୍ତ ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗ ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନି । ଏହି ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ ଏଠାରେ ଡାକ୍ତର ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଛନ୍ତି ଝାନ୍ସିରାଣୀ ଦାସ । ହାଟଡିହି ବ୍ଲକର ଅଣେଇ ବାଲିପାଳ ଗ୍ରାମବାସୀମାନେ ଅଣେଇପାଳ ଗ୍ରାମକୁ ରାଜସ୍ୱ ମାନ୍ୟତା ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ । ବେଲବାହାଲି ସରପଂଚ ଦିପ୍ତୀ ସାହୁ ଜିଲ୍ଲାପାଳଙ୍କୁ ଏକ ପାଞ୍ଚଦଫା ଦାବି ନେଇ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଜାତୀୟ ରାଜପଥ ୨୦ନଂ ପ୍ରକଳ୍ପ ନିର୍ଦ୍ଦେଶକ ତଥା ରାଜସ୍ୱ ମନ୍ତ୍ରୀଙ୍କୁ ଏକ ଆପତ୍ତି ଅଭିଯୋଗପତ୍ର ପ୍ରଦାନ କରିଥିଲେ । ଆନ୍ଦପୁର ବ୍ଲକର ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ୧୮ ଗୋଟି ପଂଚାୟତରୁ ୫୧ଜଣଙ୍କୁ ମୋଟରାଇଜଡ୍ ହୁଇଲ ଚେୟାର ବଣ୍ଟନ କରାଯାଇଥିଲା । ଏହି ଜନଶୁଣାଣିରେ ଡେପୁଟି କରେକ୍ଟର ଶୁଚିସ୍ମିତା ଦାସ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁତକିର୍ତ୍ତୀ ମହାନ୍ତି, ଆନନ୍ଦପୁର ସିଡିପିଓ ସତ୍ୟଭାମା ସେଠି, ଆନନ୍ଦପୁର ତହସିଲଦାର ମାନସ ରନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଆନନ୍ଦୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଆନନ୍ଦପୁର ଥାନାଧିକାରୀ ଦେବକୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଇ-ନାମ ମଣ୍ଡି ମାଧ୍ୟମରେ ଚାଷୀର ଉତ୍ପାଦିତ ସାମଗ୍ରୀ ବିକ୍ରୀ

ଚମ୍ପୁଆ,(ପି.ଏନ): ସମବାୟ ବିଭାଗ ଦ୍ୱାରା ପରିଚାଳିତ ଇ-ନାମ ମଣ୍ଡି ଯୋଜନାରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଟୁଳି କନା ଗ୍ରାମରେ ଚାଷୀ ବିଜୟ କୁମାର ମହାନ୍ତ ଉତ୍ପାଦିତ ବୋଇତାଳୁ ଓ କଖାରୁ ବିକ୍ରି କରି ବେଶ୍ ଲାଭବାନ ହୋଇଥିବା ଚମ୍ପୁଆ ଇ-ନାମ ମଣ୍ଡିର ସମ୍ପାଦକ ଦିଗାମ୍ବର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ସରକାରଙ୍କ ଇ-ନାମ ମଣ୍ଡି ଯୋଜନା ମାଧ୍ୟମରେ କୃଷି ଜାତ ଦ୍ରବ୍ୟ ବିକ୍ରି କରି ଚାଷୀ ବେଶ ସଫଳ ହୋଇପାରିଛି। ଆଜି କାଟୁଳୀକନା ଠାରେ ଇ-ନାମ ମଣ୍ଡି ମାଧ୍ୟମରେ ଚାଷୀ ବିଜୟ କୁମାର ମହାନ୍ତ କି.ଗ୍ରା ପ୍ରତି ୭ ଟଙ୍କା ହିସାବରେ ୬୪ କୁଇଁଟାଲ ବିକ୍ରି କରି ୪୪,୮୦୦ ଟଙ୍କା ପାଇପାରିଛନ୍ତି। ବିଜୟ ମହାନ୍ତଙ୍କର ଉତ୍ପାଦିତ ଏହି ବୋଇତାଳୁକୁ ଉଦଳା ଇ-ନାମ ମଣ୍ଡିର ବ୍ୟବସାୟି ଖିତିଶ ମହାପାତ୍ର ଓ ବାଲେଶ୍ୱର ମଣ୍ଡିର ବ୍ୟବସାୟି ସୁବ୍ରତ ରାଉତ ଏହା କ୍ରୟ କରିଛନ୍ତି।

# ଅସହାୟ ବିଧବା ମହିଳାକୁ ଝାନ୍ସୀରାଣୀଙ୍କ ସହାୟତା

ଘଷିପୁରା,(ପି.ଏନ):ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଇଲୋ ପଂଚାୟତ ବାରିଗାଁ ଗୋଲଡେନ୍ ସାହିର ଅସହାୟ ବିଧବା ମହିଳା ରଚନା ପଲେଇଙ୍କୁ ଭେଟି ସମାଜସେବୀ ଝାନ୍ସିରାଣୀ ସହାୟତା ପ୍ରଦାନ କରିଛନ୍ତି । ସୂଚ ଅନୁସାରେ ଗୋଲଡେନ ସାହିର ଦିନମଜୁରିଆ ଦୋଳ ଗୋବିନ୍ଦ ପଲେଇ ହୃତ୍‌ଘାତ ଜନିତ ମୃତ୍ୟୁବରଣ କରିବା ପରେ ତାଙ୍କର ବିଧବା ପତ୍ନୀ ରଚନା ପଲେଇ ଓ ତିନି କନ୍ୟାଙ୍କୁ ନେଇ ବହୁ ଦୁଃଖ କଷ୍ଟରେ ଭଙ୍ଗା ଦଦରା ଘରେ ରହି ଜୀବନ କାଳାତିପାତ କରୁଛନ୍ତି । ଘରଟିର ଅବସ୍ଥା ଏପରି ହୋଇଛି ଯେ କେତେବେଳେ ଯେ ତାହା ଭୁଷୁଡି ପଡିବ କହିହେବ ନାହିଁ । ଏପରି ଦୟନୀୟ ଅବସ୍ଥାରେ ତିନି କନ୍ୟାଙ୍କୁ ନେଇ ବିଧବା ରଚନା ପଲେଇ ରହୁଥିବା ବେଳେ ଆର୍ଥିକ ପରିସ୍ଥିତି ଏପରି ହୋଇଛି ଯେ ଓଳିଏ ଖାଇଲେ ଆର ଓଳିକୁ ଉପାସ ରହିବାକୁ ପଡୁଛି । ଏମିତି ପରିସ୍ଥିତିରେ ଘରଟିକୁ ସଜାଡିବା ପାଇଁ ତାଙ୍କ ପାଖରେ ସମ୍ବଳ ନାହିଁ । ଆଗକୁ ବର୍ଷା ଦିନ ଆସୁଥିବାରୁ ସେ ଘରେ ପରିବାର ନେଇ ରହିବା ବହୁ କଷ୍ଟକର ହେବ ବୋଲି ଅତି ଦୁଃଖର ସହ ପ୍ରକାଶ କରିଛନ୍ତି ବିଧବା ରଚନା ପଲେଇ । ସମାଜସେବୀ ଝାନ୍ସିରାଣୀ ଖବର ପାଇ ଏହି ବିଧବା ମହିଳାଙ୍କ ଘରେ ପହଂଚି ତାଙ୍କୁ ସହାୟତାର ହାତ ବଢାଇ ଏକ ମାସର ରାସନ ସାମଗ୍ରୀ ସହିତ ବସ୍ତ୍ର ପ୍ରଦାନ କରିଛନ୍ତି ଏବଂ ତିନି କନ୍ୟାଙ୍କ ପାଠ ପଢିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ ଭଳି ବିଭିନ୍ନ ସରକାରୀ ଯୋଜନା କିଭଳି ପାଇପାରିବେ ସେଥିପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେବା ସହ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି ।

# ଆଦିମ ଜନଜାତିଙ୍କ ରୋଜଗାରର ମାଧ୍ୟମ ପାଲଟିଛି କାଜୁ

ମାଲକାନଗିରି, (ପି.ଏନ): ବଣ୍ଡାଘାଟିର କାଜୁ । ଆଦିମ ଜନଜାତିଙ୍କ ରୋଜଗାରର ଆଉ ଏକ ମାଧ୍ୟମ ହେଉଛି କାଜୁ ବ୍ୟବସାୟ । ବର୍ଷ ତମାମ ବିଭିନ୍ନ ଖାଦ୍ୟଶସ୍ୟ ଫସଲ କରି ଜୀବିକା ନିର୍ବାହ କରନ୍ତି ଆଦିମ ଜନଜାତି । କିନ୍ତୁ, ଗ୍ରୀଷ୍ମ ଅବକାଶରେ ବଣ୍ଡାଘାଟିର କାଜୁ ଏମାନଙ୍କୁ କିଛି ରୋଜଗାର ଦେଇଥାଏ । କାଜୁ ଫଳରୁ ପାରମ୍ପରିକ ମଦ ପ୍ରସ୍ତୁତ କରିବା ସହ ମଂଜିକୁ ଏକାଠି କରି ମାଲକାନଗିରି ଏବଂ କୋରାପୁଟ ସୀମାନ୍ତରେ ଲାଗି ରହିଥିବା ସାପ୍ତାହିକ ହାଟରେ ଏମାନେ ବିକ୍ରି କରନ୍ତି । ବଜାର ସୁବିଧା ନଥିବାରୁ ବେଳେ ବେଳେ ଶାଗ, ମାଛ ଦରରେ କାଜୁ ବିକ୍ରି କରିବାକୁ ଏମାନେ ବାଧ ହୋଇଥାଆନ୍ତି । ପରିଶ୍ରମ ଅଧିକ ହେଲେ ପାରିଶ୍ରମିକ କମ୍ । ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିରେ କାଜୁ ବିକ୍ରି କରିବାକୁ ନାହିଁ ବଜାର ବ୍ୟବସ୍ଥା । ଚଳିବା ପାଇଁ ଘାଟି ମଣିଷ ଅନେକ ପରିଶ୍ରମ କରନ୍ତି । ହେଲେ ପାଉଣା ବାବଦରେ ଏମାନଙ୍କୁ ପାରିଶ୍ରମିକ ମିଳିନଥାଏ । ଏହି ଅଂଚଳରେ ବଣ୍ଡା ଉନ୍ନୟନ ବିଭାଗ ତରଫରୁ କାଜୁ ଗଛ ରୋପଣ ହୋଇଛି । କାଜୁ ଗଛରୁ ଏହାର ଫଳକୁ ସଂଗ୍ରହ କରି ମଞ୍ଜି ବିକ୍ରି କରିବା ସହ ଫଳରେ ମଦ ପ୍ରସ୍ତୁତ କରି ବିକ୍ରି କରନ୍ତି ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜନଜାତି କମିଶନ ସଦସ୍ୟଙ୍କ ଜନ ଅଭିଯୋଗ ଶୁଣାଣି

ଚମ୍ପୁଆ,(ପି.ଏନ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଂଚାୟତ ଶୋଭା ଗୃହ ଠାରେ ଆଜି ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ଜନ ଶୁଣାଣି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବି.ଡି.ଓ ଜ୍ୟୋସ୍ନାରାଣୀ ନାଏକ, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ସ୍ଥାନିୟ ଅଂଚଳର ଅନୁସୂଚିତ ଜାତି ଓ ଜନଜାତି ପକ୍ଷରୁ ପ୍ରାୟ ଶତାଧିକ ଅଭିଯୋଗ କରାଯାଇଥିଲା।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚ୍‌ସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚ଼ାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚ଼ଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚ଼ାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚ଼ିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢ଼ୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚ଼ାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ଓ୍ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚ଼ାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧ୍ୟାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚ଼ାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚ଼ନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଳି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।




# ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦ



ସମ୍ବାଦ କୌଣସି ଘଟଣା, ଅଘଟଣ, ବିବରଣୀ । ସିଏ ଜୀବନକୁ, ଜଗତକୁ, ଅର୍ଥାତ ମୋହାସକ୍ତ ହୁଏ ନାହିଁ । ସାମ୍ବାଦିକତାର ଚାବୁକରେ ଆଘାତ ସେମାନଙ୍କ ଛଦ୍ମମୁଖାକୁ ଖୋଲିଦିଏ । ଯାହାର ଲକ୍ଷ୍ୟ ହୁଏ ସମାଜ ଓ ରାଷ୍ଟ୍ରର ସାମ୍ବାଦିକ, ତାହାଙ୍କର ସମ୍ବାଦ ଜନଗଣଙ୍କର ପ୍ରେରଣାର ମାଧ୍ୟମ । ବ୍ୟକ୍ତିବିଶେଷଙ୍କର ମହତ୍‌ଗୁଣର ଅନ୍ୟ କୌଣସି ସମାଜବିରୋଧୀ ମାନବ ଉପଲବ୍ଧ କରନ୍ତି । ସବୁ ଯୁଗରେ ସମ୍ବାଦ କେତେବେଳେ ଲିଖିତ । ପ୍ରାଚୀନ ସୁଯୋଗ, ଦୁର୍ଯ୍ୟୋଗର ଏକ ସତ୍ୟନିଷ୍ଠ ମଣିଷକୁ, ସମାଜକୁ ରାଷ୍ଟ୍ରକୁ ଭଲପାଏ ସମାଜର ବା ରାଷ୍ଟ୍ର ଦୁଷ୍ଟବ୍ରଣମାନଙ୍କୁ ଦେଇ ପଦାରେ ପକାଇ ଦିଏ । ଅସୂୟାପ୍ରଣୋଦିତ ହୁଏ ନାହିଁ । କଲ୍ୟାଣ, ସେହି ହିଁ ହୁଏ ଯଥାର୍ଥ ପରିବେଷଣ ହୁଏ ଅଗଣିତ ଏପରି ସମ୍ବାଦରୁ ଜନଗଣ କୌଣସି ଯେପରି ପରିଚୟ ପାଆନ୍ତି ସେପରି ବିଦ୍ୱେଷୀ ବ୍ୟକ୍ତିଙ୍କର ସ୍ୱରୂପକୁ ଅଛି -କେତେବେଳେ ମୌଖିକ, ଯୁଗରେ ସମ୍ବାଦ ଏକ ବୃତି ନଥିଲା, ନଥିଲା ମଧ ଏକ ଜୀବିକା । ବର୍ତମାନ ସମୟରେ ସମ୍ବାଦ ସାମ୍ବାଦିକତା ଏକ ବୃତି,ଏକ ଜୀବିକା । ସମ୍ବାଦପତ୍ର ଏହାର ଆଧାର । ସାମ୍ବାଦିକର ଧର୍ମ ସୁସ୍ଥ ସାମାଜିକ ବାତାବରଣ ପ୍ରତିଷ୍ଠା, ନୈତିକ ମୂଲ୍ୟବୋଧର ଜାଗରଣ । ତେଣୁ ସେ ବିବେକବାନ । ସତ୍ୟର ଉପାସ୍ୟ । ମିଥ୍ୟାକୁ ପ୍ରଶ୍ରୟ ଦିଏ ନାହିଁ । ଅଧର୍ମକୁ ବରଦାସ୍ତ କରେ ନାହିଁ । ନୈତିକ ମୂଲ୍ୟବୋଧ ଜାଗରଣର ଅଗ୍ରଦୂତ ସାମ୍ବାଦିକ । ନାରଦ ଏହିପରି ଜଣେ ସାମ୍ବାଦିକ । ନାରାୟଣ ନାରାୟଣ... ଉଦ୍‌ଘୋଷ କରି ଯିଏ ତିନିଲୋକ ଭ୍ରମଣ କରନ୍ତି ସେହି ନାରଦ ଏକ ବ୍ୟକ୍ତି ନୁହଁନ୍ତି,ଏକ ଅନୁଷ୍ଠାନ । ବିଶ୍ୱରେ ସମ୍ବାଦ ତାଙ୍କର କାର୍ଯ୍ୟ । ଲୋକକଲ୍ୟାଣ ତାଙ୍କର ଲକ୍ଷ୍ୟ । ଈଶ୍ୱରଭକ୍ତି ତାଙ୍କର ମାର୍ଗ । ଏଥିପାଇଁ ନାରଦଙ୍କୁ ଯେଉଁଠି ଯେଉଁ ସମୟରେ ଖୋଜିବ ସେଇଠି ମିଳିବେ । ସ୍ୱର୍ଗ, ମତ୍ୟ, ଆକାଶ ପାତାଳ ସବୁଠି ତାଙ୍କର ଅଗାଧ ପ୍ରବେଶ । ନାରଦଙ୍କ ପାଇଁ କୌଣସି ସ୍ଥାନ ଦୁର୍ଗମ ନୁହେଁ କି ଅଗମ୍ୟ ନୁହେଁ । ସେ ଦେବତାଙ୍କ ନିକଟକୁ ଆସନ୍ତି ଦାନବଙ୍କ ନିକଟକୁ ମଧ୍ୟ ଯାଆନ୍ତି । ସମସ୍ତଙ୍କ ଦ୍ୱାର ତାଙ୍କ ପାଇଁ ଉନ୍ମୁକ୍ତ । ସମସ୍ତେ ତାଙ୍କୁ ସ୍ୱାଗତ କରନ୍ତି । ସମସ୍ତେ ତାଙ୍କୁ ପୂଜା କରନ୍ତି । ପରୋପକାର ନାରଦଙ୍କର ବୃତି । ଏହା ତାଙ୍କର ଜୀବନ ଧ୍ୟେୟ ଅଟେ । ବାସ୍ତବରେ ନାରଦ ଆଦର୍ଶ ସମ୍ବାଦର ସୂତ୍ରଧର ଅଟନ୍ତି । ତେଣୁ ତାଙ୍କୁ ଆଦ୍ୟ ସାମ୍ବାଦିକ କହନ୍ତି । ଶାସ୍ତ୍ର ଅନୁସାରେ ଯେତେବେଳେ ଭଗବାନ ଯୋଗନିଦ୍ରାରୁ ଜାଗ୍ରତ ହେଲେ ତାଙ୍କର ନିଃଶ୍ୱାସରୁ ମରୀଚ ଆଦି ଋଷିମାନଙ୍କ ସହିତ ନାରଦ ମଧ ପ୍ରକଟ ହୋଇଥିଲେ । ତାଙ୍କୁ ଦଶକନ୍ୟା ଏବଂ ରାଜା ପରେମେଷ୍ଟିଙ୍କ ପୁତ୍ର କୁହଁନ୍ତି । କେତେକ ପୁରାଣରେ ତାଙ୍କୁ ବ୍ରହ୍ମାଙ୍କର ମାନସପୁତ୍ର ରୂପରେ ବର୍ଣ୍ଣନା କରାଯାଇଛି । ନାରଦଙ୍କ ଜନ୍ମ ବିଷୟରେ ଅନେକ ଲୋକକଥା ପ୍ରଚଳିତ ଅଛି । ସେ ଅଳ୍ପ ସମୟ ମଧରେ ସବୁ ଶାସ୍ତ୍ରର ଅଧ୍ୟୟନ କରିଥିଲେ । ସେ ବୃହସ୍ପତିଙ୍କ ନିକଟରୁ ବେଦ ବେଦାନ୍ତ ଶିକ୍ଷା କରିଥିଲେ । ସନତକୁମାର ତାଙ୍କୁ ବ୍ରହ୍ମ ଜ୍ଞାନ ଶିକ୍ଷାଦେଇଥିଲେ । ବ୍ରହ୍ମଦେବଙ୍କଠାରୁ ବିଷ୍ଣୁ ମନ୍ତ୍ର ଏବଂ ଗନ୍ଧର୍ବଙ୍କ ନିକଟରୁ ସଂଗୀତ ବିଦ୍ୟା ଶିକ୍ଷା କରିଥିଲେ । ସେ ଥିଲେ ସୂଚନା ବିଦ୍ୟାର ଅଧିକାରୀ । ନାରଦଙ୍କର ସରସ୍ୱତୀ ତଟରେ ଏକ ଆଶ୍ରମ ଥିଲା । ସେ ଆଶ୍ରମରେ କମ୍ ରହୁଥିଲେ ବେଶୀ ଭ୍ରମଣ କରୁଥିଲେ । ସେ ନାରଦ ଭକ୍ତିସୂତ୍ର, ନାରଦ ସ୍ମୃତି, ନାରଦ ପଂଚରାତ୍ର, ନାରଦୋପନିଷଦ, ସଙ୍ଗୀତ ମକରନ୍ଦ, ରାଗ ନିରୁପଣ, ପଂଚମ ସାର ସଂହିତା, ଦତନାରଦ ସମ୍ବାଦ ଆଦି ଗ୍ରନ୍ଥ ରଚନା କରିଛନ୍ତି । ଭକ୍ତିରସ ବିଷୟ ଉପରେ ତାଙ୍କର ବହୁତ ଦଖଲ ଥିଲା । ସ୍ୱୟଂ ମହାନ ଭକ୍ତ ଥିଲେ । ଆଜନ୍ମ ଭକ୍ତିରସର ପ୍ରଚାର ପ୍ରସାର କରିଥିଲେ । ତେଣୁକରି ତାଙ୍କର ଭକ୍ତିସୂତ୍ର ଆତ୍ମାନୁଭୂତିରୂପ ଅମୃତ ଅଟେ । ନାରଦ ଭକ୍ତିସୂତ୍ର ଏକ ଅଲୌକିକ ଗ୍ରନ୍ଥ ଅଟେ । ତାଙ୍କର ଭକ୍ତି ବିଷୟ ସର୍ବଶ୍ରେଷ୍ଠ ଗ୍ରନ୍ଥ । ସେଥିରେ ନବଜୀବନ ଦେବାର ସାମର୍ଥ୍ୟ ରହିଛି । ଏଥିରେ ଭକ୍ତଙ୍କର ଲକ୍ଷଣ ଓ ପ୍ରକାରଭେଦ ସମ୍ପର୍କରେ ମଧ ଉଲ୍ଲେଖ ଅଛି । ଏହି କଳ୍ପନା ମଧରେ ନାରଦ ଅଜର ଓ ଅମର । ସେ ସବୁଆଡେ ଭ୍ରମଣକରି ଭକ୍ତିମାର୍ଗର ପ୍ରଚାର ପ୍ରସାର କରିଥିଲେ । ତାଙ୍କ ବୀଣାର ଝଙ୍କାର ତଥା ନାରାୟଣ ନାରାୟଣର ଉଦ୍‌ଘୋଷ ଆଜି ବିଶ୍ୱ ବ୍ରହ୍ମାଣ୍ଡର ଚାରିଆଡେ ଶୁଣିବାକୁ ମିଳୁଛି । ନାରଦ ହେଉଛନ୍ତି ବିଶ୍ୱ ସାମ୍ବାଦିକତା ବା ୟୁନିଭର୍ସାଲ ଜର୍ଣ୍ଣାଲିଜିମ୍‌ର ପୃଷ୍ଠପୋଷକ । ସେ ଥିଲେ ସତ୍ୟନିଷ୍ଠ ଓ ସାରା ବିଶ୍ୱକୁ ସମ୍ଭାଳି ରଖିବାର ଧର୍ମ ଆଧାରିତ ସାମ୍ବାଦିକତାର ପରିଚୟ । ସତ୍ୟର ଭିତିଭୂମି ଉପରେ କୁସଂସ୍କାରକୁ ଦୂର କରି ସମାଜକୁ ସୁପୃଷ୍ଟ କରିବା ପାଇଁ ଏକନିଷ୍ଠ ଉଦ୍ୟମ ସାମ୍ବାଦିକତାର ଧର୍ମ ହେବା ଉଚିତ୍ । ପୂର୍ବକାଳରେ ମହାନ ବ୍ୟକ୍ତିମାନେ ସାମ୍ବାଦିକତା ଜରିଆରେ ସମାଜ ଓ ଜନଗଣରେ ସଚେତନତା ସୃଷ୍ଟିପାଇଁ ଉଦ୍ୟମ କରୁଥିଲେ । ମାତ୍ର ବର୍ତମାନ ସାମ୍ବାଦିକତା ଏକ ବୃତି ପାଲଟି ଯାଇଛି । ତେବେ ଏହା ଏଭଳି ବୃତି ହେବା ଦରକାର ଯାଦ୍ୱାରା ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭଳି କାମ କରିପାରିବ । ଜନଗଣର ସ୍ୱର ଏଥିରେ ପ୍ରତିଫଳିତ ହେବାର ଆବଶ୍ୟକତା ରହିଛି । ସତ୍ୟ କହିବାର ଶକ୍ତି ହରାଇ ବସିଲେ ସାମ୍ବାଦିକଙ୍କୁ କେହି ନାରଦଙ୍କ ପରବର୍ତୀ ପୀଢି ବୋଲି କହିପାରିବେ ନାହିଁ । ଆଜିର ସାମ୍ବାଦିକମାନେ କ'ଣ ନାରଦଙ୍କ ସାମ୍ବାଦିକ ଗୁଣକୁ ଉପଲବ୍ଧି କରିପାରିବେ ନାହିଁ ।

**ଗୋଲଖ ଚନ୍ଦ୍ର ଦାସ**, ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩

## 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ



କୋଣାର୍କ (ପିଏନ୍): ବିଶ୍ୱ ଐତିହ୍ୟ କୋଣାର୍କକୁ ସଂଯୋଗ କରୁଥିବା କୋଣାର୍କ-ପିପିଲି ମୁଖ୍ୟ ରାସ୍ତାଉପର ଦୁର୍ଘଟଣା ରୋକିବା ପାଇଁ ମାଧିପୁର ଛକ ଓ କଲେଜ ଛକରେ ୪ଟି ବଡ ବଡ ହମ୍ପସ ରାଜପଥ ବିଭାଗ ପକ୍ଷରୁ କରାଯାଇଛି । ଏହି ଜାତୀୟ ରାଜପଥରେ ହମ୍ପସ ଅଛି ବୋଲି କୌଣସି ସୂଚନା ନଥିବାରୁ ପ୍ରତେକ ଦିନ ଦୁର୍ଘଟଣାମାନ ଘଟି ଧନ ଜୀବନ ମଧ ଗଲାଣି । ଏହି ହମ୍ପସ ଦୁର୍ଘଟଣା ରୋକିବା ପରିବର୍ତ୍ତେ ହମ୍ପସ ପାଇଁ ପ୍ରତ୍ୟେକ ଦିନ ଦୁର୍ଘଟଣା ବଢିଚାଲୁଛି । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଏହି ସମସ୍ୟା ଦୂର କରିବା ପାଇଁ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି । ମାଧିପୁର ଛକ ଓ କଲେଜ ଛକରେ ଥିବା ୪ଟି ହମ୍ପସରେ ୨୦ଟି ରେଡିୟମ ଲଗାଇଛନ୍ତି 'କୋଣାର୍କ ପରିବାର'ର ସଦସ୍ୟମାନେ । ଫଳରେ ରାତ୍ର ସମୟରେ ଅନେକାଂଶରେ ଦୁର୍ଘଟଣାକୁ ରୋକାଯାଇ ପାରିଛି । ଏହି ମହନୀୟ କାର୍ଯ୍ୟରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ୩ନମ୍ବର ୱାର୍ଡର କାଉନସିଲର ସମୟରଞ୍ଜନ ସାହୁ, ସାମ୍ବାଦିକ ଅବନୀଭୂଷଣ ବାରିକ, ସାମ୍ବାଦିକ ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସମେତ 'କୋଣାର୍କ ପରିବାର'ର ସଭାପତି କାହ୍ନୁଚରଣ ପାତ୍ର, ଉପସଭାପତି ସୁଭାଶିଷ ଦାଶ, ସମ୍ପାଦକ ଅନିଲ ସ୍ୱାଇଁ, କୋଷାଧ୍ୟକ୍ଷ ସତ୍ୟଜିତ ସାହୁ, ପ୍ରତାପ ଜେନା, ବଳରାମ ପାତ୍ର, ସତ୍ୟବ୍ରତ ନାୟକ, ଅଭିଜିତ ଦାସ ସୁଶ୍ରୀ ସମ୍ଭାବନା ପଣ୍ଡା, ଦେବଶକ୍ତି ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ହମ୍ପସରେ ରେଡିଏମ ଲଗାଇଥିଲେ । 'କୋଣାର୍କ ପରିବାର'ର ସ୍ୱେଚ୍ଛାସେବୀ ସଦସ୍ୟମାନେ ନିଜ ପକେଟ ଖର୍ଚ୍ଚରୁ ସ୍ୱିତ ଅର୍ଥରେ ଏହି କାର୍ଯ୍ୟ କରିଛନ୍ତି । ସ୍ୱେଚ୍ଛାସେବୀମାନଙ୍କର ଏଭଳି ସେବା ମନୋବୃତିକୁ ଦେଖି ଲୋକେ ଭୂରୀୟସୀ ପ୍ରଶଂସା କରୁଛନ୍ତି ।

## ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ସମାରୋହ



କୋଣାର୍କ (ପିଏନ୍): ଗତ ରବିବାର ସନ୍ଧ୍ୟାରେ କୋଣାର୍କ ନିକଟସ୍ଥ କିଙ୍ଗସ କୋକୋ ଇକୋ ରିସୋଟ ପରିସରରେ କୋଣାର୍କ ଜ୍ଞାନ ମଂଚ ପକ୍ଷରୁ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆରମ୍ଭ ହୋଇଥିଲା ସଭା କାର୍ଯ୍ୟ । ଶୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଭାତରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ପ୍ରଫେସର ଡ. ହରମୋହନ ମିଶ୍ର, ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଓ ଗୋପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ଖଟୋଇ ପ୍ରମୁଖ ମଞ୍ଚାସିନ ହୋଇ ଅଦ୍ୱିତ ବେଦାନ୍ତ, ବ୍ରହ୍ମସୁତ୍ର ଓ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଫେସର ଡ. ମିନତୀ ମିଶ୍ର ଭଜଗୋବିନ୍ଦମ୍ ଗାନ କରିଥିବା ବେଳେ ଐତିହାସିକ ଗବେଷକ ସଞ୍ଜୟ ବରାଳ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜନୈତିକ ପଶାପାଲିରେ ଲିଙ୍ଗିପୁର ଗ୍ରାମପଂଚାୟତ

ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତକୁ ଉନ୍ନତ କରିବା ବଦଳରେ ବିଡିଓ ମହାଶୟ କିପରି ଭାବେ ୨୬ଟି ୱାର୍ଡକୁ ଗୋଟିଏ ପିଇଓ ବଦଳୀ କରି ଦାୟିତ୍ୱ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୭ରୁ ଶିଶୁପାଳ ଗ୍ରାମପଂଚାୟତଠାରୁ ଲିଙ୍ଗିପୁର ଗ୍ରାମପଂଚାୟତ ଅଲଗା ହୋଇଛି । ଏହାର ୧୩ ଗୋଟି ୱାର୍ଡ ରହିଅଛି । ଶିଶୁପାଳଗଡର ବି ୧୩ଟି ୱାର୍ଡ ରହିଅଛି । ଜଣେ ପିଇଓ ୨ଟି ଦୁଇଟି ଦାୟିତ୍ୱରେ ରହିଲେ ଉନ୍ନୟନମୂଳକ କାର୍ଯ୍ୟ ନିଶ୍ଚିତ ଭାବରେ ବାଧାପ୍ରାପ୍ତ ହେବ । ଏହାକୁ ଦିଗହରା କରିବା ପାଇଁ ଷଡଯନ୍ତ୍ର ଓ ବଦଳୀରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହୋଇଛି । କାହା ସ୍ୱାର୍ଥରେ ଏବଂ କେଉଁ ନିୟମ ବଳରେ ଏଭଳି ପଦକ୍ଷେପ । ପଂଚାୟତ ଗୁଡିକରେ ସମସ୍ୟା କମିବା ପରିବର୍ତେ ଦିନକୁ ଦିନ ବଢିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଯେ ଗତ ୪ ମେ' ୨୦୨୨ ଦିନ ଭୁବନେଶ୍ୱର ବିଡିଓ ତାଙ୍କର ବଦଳୀ ଆଦେଶ ସଂଖ୍ୟା ୨୧୦୯ରେ ୧୪ ଜଣ ପିଇଓଙ୍କୁ ବଦଳୀ କରିଥିଲେ, ତା ମଧ୍ୟରୁ ସିରିୟଲ ନଂ ୧୪ରେ ଥିବା ପିଇଓଙ୍କୁ ଶିଶୁପାଳଗଡ ଓ ଲିଙ୍ଗିପୁର ଦାୟିତ୍ୱ ଦିଆଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିଶୁପାଳ ଓ ଲିଙ୍ଗିପୁର ଗ୍ରାମପଂଚାୟତ ମୋଟ ୧୩ଟି ଲେଖାଏଁ ୱାର୍ଡ ରହିଛି । ସମୁଦାୟ ୨୬ଟି ୱାର୍ଡକୁ କେଉଁ ଭାବରେ ବିଡିଓ ମହାଶୟ ଗୋଟିଏ ପିଇଓଙ୍କୁ ତରବରିଆ ଭାବରେ ଦାୟିତ୍ୱ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଲିଙ୍ଗିପୁର ଗ୍ରାମ ପଂଚାୟତ କ'ଣ ସରକାରଙ୍କର ସାବତ ପୁଅ କି ? ରାଜ୍ୟ ସରକାର ପଂଚାୟତସ୍ତରକୁ ସୁଦୃଢ କରିବା ପାଇଁ ପଂଚାୟତରେ ସବୁ ସୁବିଧା ସୁଯୋଗ ଦେବା ପାଇଁ ଅପ୍ରାଣ ଉଦ୍ୟମ କରୁଥିବାବେଳେ ଗୋଟିଏ ପିଇଓଙ୍କୁ ୨ଟି ଦାୟିତ୍ୱ ଦେଇ ବିଡିଓ ମହାଶୟ କଣ ପ୍ରମାଣ କରିବାକୁ ଚାହୁଁଛନ୍ତି ସେ ନିଜେ ଜାଣିଥିବେ । ଗ୍ରାମ ପଂଚାୟତରେ ଆସୁଥିବା ବିଭିନ୍ନ ୱାର୍ଡର ସମସ୍ୟା ଯେଉଁଭଳି ଭାବେ ସମାଧାନ ହୋଇପାରିବ ସେଥିପ୍ରତି ବୋଧେ ବିଡିଓ ମହାଶୟଙ୍କ ଭୃକ୍ଷେପ ନାହିଁ । ରାସନ୍ କାର୍ଡଠୁ ଆରମ୍ଭ କରି ଭତା ବଂଟନ, ପାନୀୟ ଜଳ, ରାସନ ସାମଗ୍ରୀ, ପ୍ରତି ୱାର୍ଡର ମାସିକିଆ ବୈଠକର ବିବରଣୀ ରଖିବା ଏବଂ ତାଙ୍କର ସମସ୍ୟା ସମାଧାନକୁ ନେଇ ସଂରପଚ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଂହଚାଇବା ଇତ୍ୟାଦି ତାଙ୍କର ମୁଖ୍ୟ କାର୍ଯ୍ୟ । ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସାଧାରଣ ପ୍ରଶାସନ ବିଭାଗର ଆଦେଶ ସଂଖ୍ୟା ୧୧୮୧୮/SCS, ଏପ୍ରିଲ ୩୦ରେ ବିଡିଓଙ୍କ ବଦଳୀ ଆଦେଶ କିନ୍ତୁ ଆଶ୍ଚର୍ଯ୍ୟର କଥା ସେହି ଦିନ(PEO) ପଂଚାୟତ ଏକ୍ୟୁଜିକ୍ୟୁଟିଭ ଅଫିସରଙ୍କ ବଦଳିର ଆଦେଶ କରାଯାଇଛି । କି ସଂଯୋଗ କଣ ଉଦ୍ଦେଶ୍ୟ ? କାହା ସ୍ୱାର୍ଥରେ PEOମାନଙ୍କ ବଦଳୀ ଏକାଦିନେ । ଏହି ବଦଳୀ ଆଦେଶ ୦୪.୦୫.୨୨ରେ ସମସ୍ତ PEOଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଏବଂ ସେଥିରେ ନିର୍ଦ୍ଦେଶ ଦିଆଯାଇଛି, ତିନିଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର କରି ନୂତନ ଭାବେ ବଦଳୀ ହୋଇଥିବା ଯାଗାରେ ଯୋଗଦାନ କରିବେ । ଏଣୁ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ବଦଳୀ ତାଲିକାକୁ କେନ୍‌ସଲ୍ କରିବାକୁ ସବୁ ସ୍ତରରୁ ଦାବୀ ହେଉଛି । ଏବଂ କେଉଁ ପରିସ୍ଥିତିରେ ଏକାଦିନେ ଆଦେଶ ବାହାରିଲା ତାହା ମଧ ତଦନ୍ତସାପେକ୍ଷ । ଏହି ଅକ୍ଷମଣୀୟ କାର୍ଯ୍ୟାନୁଷ୍ଠାରେ ଦାୟିତ୍ୱହୀନତା କାରଣରୁ କାହିଁକି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ? ଏ ଦିଗରେ ପଂଚାୟତିରାଜ ବିଭାଗ ସମସ୍ତ ଘଟଣାକୁ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଜନସାଧାରଣଙ୍କର ସ୍ୱାର୍ଥ ଦୃଷ୍ଟିରୁ ଲିଙ୍ଗିପୁର ପଂଚାୟତରେ ଅଲଗା ଭାବେ ପିଇଓ ଅବସ୍ଥାପିତ କରାଯାଉ । ଭୁବନେଶ୍ୱର ବିଡିଓଙ୍କୁ ହ୍ୱାଟସ୍‌ଆପ୍ ଦ୍ୱାରା ଏହି ନିର୍ଦ୍ଦେଶ ପରେ ପ୍ରତକ୍ରିୟା ପାଇଁ ଆମ ପ୍ରତିନିଧି ଜାଣିବାକୁ ଚାହିଁଥିଲେ ମଧ୍ୟ ବିଡିଓ ମହାଶୟ ନୀରବ ।

## ରାଜ୍ୟର ୧୪ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ସ୍ମୃତିରକ୍ଷା କରିବାରେ ରାଜ୍ୟ ସରକାରଙ୍କ ଅବହେଳା

ଭୁବନେଶ୍ୱର (ପିଏନ୍)-ଓଡ଼ିଶାର ଗର୍ବ ଓ ଗୌରବ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ବରିଷ୍ଠ ଜନନେତା ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୭ମ ଶ୍ରାଦ୍ଧ ଉତ୍ସବ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ କହିଲେ ଯେ ଜାନକୀବାବୁଙ୍କ ୧୪ ବର୍ଷ ଶାସନ କାଳରେ ଓଡ଼ିଶାର ବିକାଶର ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଜାନକୀବାବୁଙ୍କ ଶାସନ କାଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ଯେଉଁ ବିକାଶ ହୋଇଥିଲା ଆଜିର ଯୁବ ପିଢ଼ି ପାଖରେ ସେ ବାର୍ତା ପହଂଚାଇବାର ଆବଶ୍ୟକତା ରହିଛି । ଓଡ଼ିଆ ଯୁବକମାନଙ୍କୁ ପ୍ରତିଷ୍ଠିତ କରିବା ପାଇଁ ସେ ହୋଟେଲକୁ ଶିଳ୍ପର ମାନ୍ୟତା ଦେଇଥିଲେ । କୃଷିର ବିକାଶ ପାଇଁ ଜଳସେଚନକୁ ଅଗ୍ରାଧିକାର ଦିଆଯାଇଥିଲା । କିନ୍ତୁ ରାଜ୍ୟ ସରକାର ଏଭଳି ଜଣେ ଦୂରଦୃଷ୍ଟିସଂପନ୍ନ ଜନନେତାଙ୍କ ସ୍ମୃତିରକ୍ଷା କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି, ଯାହା ଅତ୍ୟନ୍ତ କ୍ଷୋଭର ବିଷୟ । ସ୍ମୃତିଚାରଣ କରି ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ କହିଲେ ଯେ କୃଷକମାନଙ୍କ ପାଇଁ ୧୧ଟି ଚିନିକଳ, ୪୬ଟି ଶୀତଳ ଭଣ୍ଡାର ଓ ୯ଟି ସ୍ପିନିଙ୍ଗ ମିଲ ପ୍ରତିଷ୍ଠା ଜାନକୀବାବୁଙ୍କ ଶାସନ କାଳରେ କରାଯାଇଥିଲା । ତାହା ଏ ସରକାର ସମୟରେ ଇତିହାସ ହୋଇଯାଇଛି । କଂଗ୍ରେସ ସେବାଦଳର ରାଜ୍ୟ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣରେ କହିଲେ କଂଗ୍ରେସ ଭବନ ସମ୍ମୁଖରେ ସ୍ୱର୍ଗତଃ ଜାନକୀବାବୁଙ୍କର ଏକ ପ୍ରତିମୂର୍ତି ସ୍ଥାପନ ପାଇଁ ଆମେ ଦୀର୍ଘ ୭ ବର୍ଷ ହେବ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବୀ କରି ଆସୁଛୁ କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଲା ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଶେଷରେ ସାଧାରଣ ସଂପାଦକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ମନୋରଂଜନ ଦାଶ, ମୁଖପାତ୍ର ରଜନୀ ମହାନ୍ତି, କଂଗ୍ରେସ ନେତା ପ୍ରକାଶ ମିଶ୍ର, ସତ୍ୟସ୍ମିତ ମହାନ୍ତି, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ସୁଭାଷ ପ୍ରଧାନ, ଭାସ୍କର ସେଠୀ, ମନୋରଂଜନ କୁଣ୍ଡୁ, କୁଳମଣି ସାହୁ, ମହମ୍ମଦ ସହାଦୁଲ୍ଲା, ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀରାମ ସେବା ସଂଗଠନର ଜଳଛତ୍ର ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ଶ୍ରୀରାମ ସେବା ସଂଗଠନର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ତିନିଦିନ ଧରି ରନ୍ଧା ଖାଦ୍ୟ ବଣ୍ଟନ ସହିତ ବାଲେଶ୍ୱର ରେଲୱେ ଷ୍ଟେସନ ସାମ୍ନାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି । ବାଲେଶ୍ୱରର ସିନେମା ଛକ, ବସ ଷ୍ଟାଣ୍ଡ, ମେଡିକାଲ, ଆଇଟିଆଇ ଛକ ଓ ସାଇ ମନ୍ଦିର ପ୍ରଭୃତି ସ୍ଥାନମାନଙ୍କରେ ଗରିବ ଅସହାୟ ଲୋକମାନଙ୍କୁ ଶ୍ରୀରାମ ସେବା ସଂଗଠନର ସଦସ୍ୟ ମାନେ ଏକ ଗାଡ଼ି ସାହାଯ୍ୟରେ ବୁଲି ବୁଲି ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରେଲୱେ ଷ୍ଟେସନଠାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି । ଏହି କାର୍ଯ୍ୟକ୍ରମକୁ ସଭାପତି କୃତିବାସ ମହାନ୍ତି, ସହସଂପାଦକ ଚିତ୍ତରଞ୍ଜନ ମହାନ୍ତି, ସନ୍ତୋଷ କୁମାର ଜେନା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ଶୁଭକାନ୍ତ ଶ୍ରୀକାନ୍ତ ନନ୍ଦ ଚନ୍ଦନେଶ୍ୱର ଚତଧାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ସଂଗଠନର ଏହିଭଳି କାର୍ଯ୍ୟକ୍ରମକୁ ବାଲେଶ୍ୱର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିବା ସହିତ ସଂଗଠନର ଉତ୍ତରୋତର ଉନ୍ନତି କାମନା କରିଥିଲେ ।

## ଗୋରୁ ବୋଝେଇ କଂଟେନର ଜବତ

ଖୋର୍ଦ୍ଧା (ପିଏନ)-ବେଗୁନିଆ ଥାନା ଅନ୍ତର୍ଗତ ବାଘମାରୀ-କଂଟିଲୋ ୪୮ ନମ୍ବର ଜାତୀୟ ରାଜପଥରେ ବିଳମ୍ବିତ ରାତିରେ ଏକ ଗୋରୁବୋଝେଇ କଂଟେନର ବଡବେରଣା ଗ୍ରାମ ନିକଟରୁ ପୋଲିସ ଜବତ କରିବା ସହ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ମୁତାବକ କୁଶପଲ୍ଲୀ ଗ୍ରାମରୁ ଏକ ଓଆର ୦୨ ବିଟି ୦୨୧୬ ନମ୍ବର ବିଶିଷ୍ଟ କଂଟେନରରେ ୩୫ଟି ଗୋରୁ ବୋଝେଇ କରି ୪୮ ନମ୍ବର ଜାତୀୟ ରାଜପଥରେ କଂଟିଲୋ ଅଭିମୁଖେ ଯାଉଥିବା ସମୟରେ ପୋଲିସ ଗାଡିକୁ ଜବତ କରିବା ସହ ଗାଡିର ଚାଳକ ମହମ୍ମଦ ସିରାଜଉଦ୍ଦିନ (୫୨), ଆବଦୁଲ ସାମସୁଦ୍ଦିନ ଖାଁ (୪୧) ଓ ଅତାରୁ ଖାଁ (୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି ।

## ପ୍ରାକ୍ତନ ଛାତ୍ର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ କେନ୍ଦ୍ରାପଡା କଲେଜରେ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୧୯୮୦ - ୮୨ ବ୍ୟାଚର ଛାତ୍ର ତଥା ବର୍ତ୍ତମାନର କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନର କମିଶନର ଡଃ. ସୁରେଶ ଚନ୍ଦ୍ର ଦଳାଇଙ୍କୁ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ପୁରାତନ ଛାତ୍ର ଓ ପରିଚାଳନା ପରିଷଦ ପକ୍ଷରୁ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରାକ୍ତନ ଇଂରାଜୀ ଅଧ୍ୟାପକ ତଥା ତାଙ୍କର ଶିକ୍ଷକ ଦୁର୍ଯ୍ୟୋଧନ ପରିଡା ତାଙ୍କ ପରିଚିତି ସମ୍ପର୍କରେ ଅବଗତ କରାଇବା ସହ କଲେଜର ସମସ୍ୟା ପ୍ରତି ନିଜ କାର୍ଯ୍ୟ ଜରିଆରେ ସେ ସମ୍ପ୍ରତି ପ୍ରକାଶ କରିଥିବା ପ୍ରତିବଦ୍ଧତାର ମଧ ସୂଚନା ଦେଇଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା ଆଶୀର୍ବଚନ ସହ କଲେଜକୁ ବିଶ୍ୱ ବିଦ୍ୟାଳୟ କରିବା ନିମିତ୍ତ ଆବଶ୍ୟକ ଭିତିଭୂମୀ ଯୋଗାଡ ପାଇଁ ତାଙ୍କ ସହଯୋଗ କାମନା କରିଥିଲେ । କଲେଜ ପରିଚାଳନା ପରିଷଦର ଅଧ୍ୟକ୍ଷ ଡା. ବାସୁଦେବ ପାତ୍ର କଲେଜ ଜମି ସମସ୍ୟାର ସମାଧାନ ପ୍ରସଙ୍ଗ ଅବଗତ କରାଇଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ଡଃ. ସେକ ସମସୁର, ପରିଚାଳନା ପରିଷଦ ସଭ୍ୟ ଅଧ୍ୟାପକ ଅଜୟ ସାମଲ ଓ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ତାଙ୍କୁ ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ନିଜ ମାତୃ ଶିକ୍ଷାକେନ୍ଦ୍ରର ବିକାଶ ପାଇଁ ନିଜ ସାମର୍ଥ୍ୟ ମତେ ସମସ୍ତ ସହାୟତା ଯୋଗାଇଦେବାକୁ ସେ ସଭାରେ ପ୍ରକାଶ କରିଥିଲେ । ଏହି ଅବସରରେ ସେ ମଧ କଲେଜର ଜମିଜମା ଦାୟିତ୍ୱ ବୁଝୁଥିବା ପ୍ରାକ୍ତନ ଅଧ୍ୟାପକ ବାସୁଦେବ ଦାସଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ । ଏହି ସଭାରେ ପଟ୍ଟାମୁଣ୍ଡାଇ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, ଛତିଆ ମହାପୁରୁଷ ହାଡିଦାସ କଲେଜର ଇଂରାଜୀ ବିଭାଗ ମୁଖ୍ୟ ଡଃ. ବିଶ୍ୱନାଥ ଦାସ, ଅବସରପ୍ରାପ୍ତ ଅଧ୍ୟାପକ ଡଃ. ପ୍ରମୋଦ ଦାସ ଅଧ୍ୟାପକ ଡଃ. ସଞ୍ଜିବ ମହାନ୍ତି, ମେଜର ମନୋରଞ୍ଜନ ମହାନ୍ତି, ରାମଚନ୍ଦ୍ର ପାତ୍ର, ଗୌର ପ୍ରସାଦ ଷଢଙ୍ଗୀ, ଅଶୋକ ଦାସ, ଅଧ୍ୟାପିକା ଡଃ. ରତ୍ନମଞ୍ଜରୀ ଦାଶ, ଡଃ. ପୌର୍ଣ୍ଣମାସୀ ପଣ୍ଡା, କ୍ୟାପ୍ଟେନ ସୀମା ମହାନ୍ତି, ମୁଖ୍ୟ ଅଫିସ ସହାୟକ ରଞ୍ଜନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ରଞ୍ଜିତ କୁମାର ଦାସ, ଡଃ. ପ୍ରଭାକର ମଲ୍ଲିକ ଓ ସୁବ୍ରତ ପାତ୍ର ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଠରଗଡ଼ ରଜକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍)-ଅଠରଗଡ଼ ରଜକ ସଂଘର ବାର୍ଷିକ ଉତ୍ସବ ଖୋରଧା ମା'ବରୁଣେଇଙ୍କ ପୀଠରେ ସଂଘର ସଭାପତି ଭାଗିରଥୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କୋଷାଧ୍ୟକ୍ଷ ଅଜୟ କୁମାର ସେଠୀ ସ୍ୱାଗତ ଜଣାଇବା ପରେ ସାଧାରଣ ସମ୍ପାଦକ ଜୟଦେବ ସେଠୀ ବାର୍ଷିକ ବିବରଣୀ ପାଠ କରି ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାୟ ୪ଟି ବିଧାନସଭା କ୍ଷେତ୍ର ମଧ୍ୟରେ ଥିବା ସଂଘର ୩୪ଟି ଗଡ଼ ବେହେରାମାନଙ୍କୁ ଏବଂ ଗତ ପଂଚାୟତ ଓ ପୌର ନିର୍ବାଚନରେ ବିଜୟୀ ନିର୍ବାଚିତ ପ୍ରତିନିଧିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରିୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସଂଘର ସର୍ବୋଚ୍ଚ ସେବା ସମ୍ମାନ ଅଠରଗଡ଼ ଗୌରବ ୨୦୨୨ ଲକ୍ଷ୍ମଣ ସେଠୀଙ୍କୁ ଓ ମରୋଣତୋରଭାବେ ପରମାନନ୍ଦ ସେଠୀଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଉତ୍କଳ ରଜକ ମହାସଂଘ ଓଡ଼ିଶାର ପଦାଧିକାରୀ ଓ ଅନ୍ୟମାନଙ୍କ ମଧ୍ୟରେ ମନୋଜ ସେଠୀ, ରବିନ୍ଦ୍ର କୁମାର ସେଠୀ, ଗୋବିନ୍ଦ ଚନ୍ଦ୍ର ସେଠୀ ମଂଚାସୀନ ଥିଲେ । ଆଇନ ପରାମର୍ଶ ଦାତା ଅଜୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପୁଣ୍ୟାତ୍ମା ପ୍ରଚାରକ ଅନନ୍ତ ମିଶ୍ରଙ୍କର ଶ୍ରାଦ୍ଧ ଦିବସ ପାଳିତ



ପୁରୀ,(ପି.ଏନ): ସତ୍ୟବାଦୀ ଗୋଷ୍ଠୀର ଏକନିଷ୍ଠ ସାଧକ ପୁଣ୍ୟାତ୍ମା ପ୍ରଚାରକ ଅନନ୍ତ ମିଶ୍ରଙ୍କର ୮୭ ତମ ରାଜ୍ୟସ୍ତରୀୟ ଶ୍ରାଦ୍ଧ ?ତ୍ସବ ନିଜ ଜନ୍ମିତ ଗ୍ରାମ ସତ୍ୟବାଦୀସ୍ଥ ଶ୍ରୀରାମଚନ୍ଦ୍ରପୁର ଶାସନରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସାଂସଦ ତଥା କବି ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ପ୍ରଚାରକ ଅନନ୍ତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥିରୂପେ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରସାଦ ହରିଚନ୍ଦନ ,ମୁଖ୍ୟବକ୍ତା ଭାବରେ କବୟିତ୍ରୀ ପ୍ରତିଭା ମହାରଥୀ ,ସମ୍ମାନିତ ବକ୍ତା ରୂପେ କବି ଶ୍ରୀଯୁକ୍ତ ଶଙ୍କର୍ଷଣ ପରିଡ଼ା ଓ ସମ୍ମାନୀତ ଅତିଥି ସତ୍ୟବାଦୀ ଦାଶ ପ୍ରମୁଖ ଯୋଗଦେଇଥିଲେ । ଓଡ଼ିଶାର ସମଗ୍ର ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ କାର୍ଯ୍ୟକରିଥିବା ମହାତ୍ମା ପ୍ରଚାରକ ଅନନ୍ତ ମିଶ୍ରଙ୍କର ପ୍ରତିମୂର୍ତ୍ତି, ପାଠାଗାର,କୀର୍ତ୍ତି ସ୍ଥାପନ ଓ ସତ୍ୟବାଦୀର ଏକ ରାସ୍ତାକୁ ପ୍ରଚାରକ ଅନନ୍ତ ମିଶ୍ରଙ୍କ ନାମରେ ନାମିତ କରିବା ସହିତ ପ୍ରଚାରକ ଅନନ୍ତ ମିଶ୍ରଙ୍କର ଜୀବନୀ ଓ ଆଦର୍ଶ ପାଠ୍ୟକ୍ରମରେ ସ୍ଥାନିତ କରିବା ନିମନ୍ତେ ଦୃଢ଼ ମତପ୍ରକାଶ ପାଇଥିଲା । ସମାଜସେବୀ ତଥା ଶିକ୍ଷକ ସତ୍ୟବାଦୀ ଦାଶ ନିଜ ତରଫରୁ ପ୍ରଚାରକ ଅନନ୍ତ ମିଶ୍ରଙ୍କର ଦୁଇଟି ମୂର୍ତ୍ତି ଗୋଟିଏ ସୁଆଣ୍ଡୋ ଏବଂ ଆରଟି ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ ।ଏହି ଅବସରରେ ଅନୁଷ୍ଠାନର ପ୍ରକାଶିତ ବାର୍ଷିକ ମୁଖପତ୍ର ନ୍ତଭାଷା ସମ୍ମିଳନୀନ୍ତର ପ୍ରଥମ ସଂଖ୍ୟାକୁ ଅତିଥିମାନେ ଶୁଭ ଉନ୍ମୋଚନ କରିଥିଲେ ।ଅନୁଷ୍ଠାନର ସଂସ୍ଥାପକ ଓ ସଂପାଦକ ପଣ୍ଡିତ ବିଜୟ କୁମାର ଛାଟୋଇ ସମ୍ପାଦକୀୟ ପାଠକରିଥିଲେ । ଇତି ମଧ୍ୟରେ କବିତାପାଠ ଅନୁଷ୍ଠିତ ହୋଇଥିଲା ବିଶିଷ୍ଟ କବି ଉମାକାନ୍ତ ମହାପାତ୍ର , ସଦାଶିବ ମିଶ୍ର , ରବୀନ୍ଦ୍ର ନାଥ ଷଡ଼ଙ୍ଗୀ,ମାନସ ରଂଜନ ପଟ୍ଟନାୟକ,ବିଜୟ କୁମାର ପଟ୍ଟନାୟକ,ଭୀମସେନ ମହାପାତ୍ର , ମନୋରମା ଆଚାର୍ଯ୍ୟ, ପ୍ରଶାନ୍ତ ବିଶ୍ୱାଳ,ଡ.ଯୋଗେନ୍ଦ୍ର ନାୟକ ,ସୁରେଶ ପଟ୍ଟନାୟକ,କରୁଣାକର ଭୋଳ ,ଧ୍ରୁବ ମୁଦୁଲି ,ଭାରତୀ ଭୂଷଣ ଦାସ,ଉମାଶଙ୍କର ମହାପାତ୍ର ,ଯୋଗେଶ୍ୱର ପ୍ରହରାଜ ,ରାଧାକୃଷ୍ଣ ପ୍ରଧାନୀ ,ଅଭୟ ଚରଣ ସାହୁ ,ରଞ୍ଜନ ମିଶ୍ର,ରୋଜାଲିନ ମିଶ୍ର, ପ୍ରତିମାରାଣୀ ମିଶ୍ରଙ୍କ ସମେତ ୭୦ଜଣ କବିକବୟିତ୍ରୀ କବିତାପାଠ କରିଥିଲେ । କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ , ସାରଙ୍ଗଯୋଡ଼ିର ପିଲାମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ଉତ୍କଳୀୟ ପରମ୍ପରାର ମହାନ କଳାକୁ ନୃତ୍ୟମାଧ୍ୟମରେ ଦେଖାଇ ମୁଗ୍ଧକରାଇଥିଲେ । ଓଡ଼ିଶାର ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନିଜର କୃତିତ୍ୱ ନିମନ୍ତେ ସମ୍ମାନିତ କରାଯାଇଥିଲା । ବିଶିଷ୍ଟ କବି ଶ୍ରୀଯୁକ୍ତ ଶଙ୍କର୍ଷଣ ପରିଡ଼ାଙ୍କୁ କବିରତ୍ନ , କବି ବିପିନବିହାରୀ ଦଳାଇଙ୍କୁ ଶ୍ରୀକ୍ଷେତ୍ର ସଙ୍ଗଠକ ରତ୍ନ ସମ୍ମାନ ,ଜୟଶ୍ରୀ ମୁଦ୍ରାଙ୍କୁ ସେବାରତ୍ନ ସମ୍ମାନ ଏବଂ ଶ୍ରୀଯୁକ୍ତ କିଶୋରଚନ୍ଦ୍ର ମହାପାତ୍ର ଉତ୍କଳ ସମ୍ବାଦରତ୍ନ ସମ୍ମାନ,ଶିକ୍ଷକ ବିଜୟ କୁମାର ପରିଡା ଉତ୍କଳ ଶିକ୍ଷକ ରତ୍ନ ସମ୍ମାନରେ ସମ୍ମାନିତ ହୋଇଥିଲେ । ପରିଶେଷରେ ଆଚାର୍ଯ୍ୟ ଯୁବପରିଷଦର ସଭ୍ୟ ତଥା ଦକ୍ଷକର୍ମୀ ପ୍ରମୋଦ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆଦିଲ୍ଲୀରେ ଶୋଭନୀୟ ଆନ୍ଦୋଳନର ପ୍ରତିଷ୍ଠା ଦିବସ ପାଳନ



ନୂଆଦିଲ୍ଲୀ,(ପି.ଏନ): ନୂଆଦିଲ୍ଲୀଠାରେ ଶୋଭନୀୟ ଆନ୍ଦୋଳନର ୬୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହାସହିତ ଶୋଭନୀୟ ଆନ୍ଦୋଳନର ସଂସ୍ଥାପକ ପୂଜ୍ୟ କୁମାର ଭାଇଙ୍କର ୭୬ତମ ଜୟନ୍ତୀ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ହାଉଜଖାସସ୍ଥିତ ଜଗନ୍ନାଥ ମନ୍ଦିରର ପରିସରରେ ଆୟୋଜିତ ସମାବେଶରେ ଜାତୀୟ ରାଜଧାନୀ କ୍ଷେତ୍ରର ବହୁ ସଂଖ୍ୟାରେ ଶୋଭନୀୟ ଆନ୍ଦୋଳନର ସଦସ୍ୟ, ଶୁଭେଚ୍ଛୁ ଏବଂ କୁମାର ଭାଇଙ୍କର ଅନୁଗାମୀମାନେ ଯୋଗ ଦେଇଥିବା ଦେଖା ଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଶ୍ୱଭରି ଚାଲିଥିବା ଶୋଭନୀୟ ଆନ୍ଦୋଳନର ମାସକ ବ୍ୟାପୀ ପ୍ରତିଷ୍ଠା ଉତ୍ସବ ପାଳନକୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗତ ଏପ୍ରିଲ ମାସ ୮ ତାରିଖରେ କଟକର ଶୋଭନୀୟ ଶିକ୍ଷାଶ୍ରମଠାରେ ଉଦଘାଟନ କରିଥିଲେ । କୁମାର ଭାଇ ତାଙ୍କର ୧୬ତମ ଜନ୍ମ ଦିବସରେ ୧୯୬୨ ମସିହା ଏପ୍ରିଲ ୮ ତାରିଖରେ ଶୋଭନୀୟ ଆନ୍ଦୋଳନକୁ ପ୍ରତିଷ୍ଠା କରିଥିଲେ । ଏହାର ମୁଖ୍ୟ ଲକ୍ଷ୍ୟ ହେଲା, ସାରା ଦୁନିଆରେ ଶାନ୍ତି, ସଂହତି ଓ ସନ୍ତୁଷ୍ଟି ପ୍ରତିଷ୍ଠା କରିବା ସାଙ୍ଗକୁ ସମାଜରୁ ଅଶୋଭନୀୟତାକୁ ଦୂରୀଭୂତ କରିବା ତଥା ମଣିଷ ଜୀବନକୁ ସରସ, ସୁନ୍ଦର,ସୁସ୍ଥ, ସମୃଦ୍ଧ, ସଂଯତ ଏବଂ ସଦା ସୁଖମୟ କରି ଗଢ଼ି ତୋଳିବା । ଉତ୍ତମ ମାନବିକତାର ଅବତାରି ମହାପୁରୁଷ କୁମାର ଭାଇ ତାଙ୍କର ସାଧନା କ୍ଷେତ୍ରରେ ମା ରମାଦେବୀ, ପଦ୍ମଶ୍ରୀ ଡ଼ଃ ଲକ୍ଷ୍ମୀନାରାୟଣ ସାହୁ, ଡ଼ଃ ପ୍ରାଣକୃଷ୍ଣ ପରିଜା ଓ ପଦ୍ମଭୂଷଣ କାଳନ୍ଦୀ ଚରଣ ପାଣଗ୍ରାହୀଙ୍କ ଭଳି ମହାନୁଭବମାନଙ୍କର ଆଶୀର୍ବାଦ ଲାଭ କରିଥିଲେ । ଦୁର୍ଭାଗ୍ୟବଶତଃ ମାତ୍ର ୪୬ ବର୍ଷ ବୟସରେ ୧୯୯୩ ମସିହାରେ କୁମାର ଭାଇଙ୍କର ନିଧନ ଘଟିଥିଲା । ପରବର୍ତ୍ତୀ ସମୟରେ ଗୁରୁମା ସ୍ୱର୍ଗତଃ ସତ୍ୟଭାମା ଦେବୀ ଏବଂ ବର୍ତ୍ତମାନ ଗୁରୁମା ଡଃ ଅରୁନ୍ଧତୀ ଦେବୀ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଏବଂ ସମ୍ପାଦକ ଭାବରେ କୁମାର ଭାଇଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟସୂଚୀକୁ ଫଳପ୍ରସୂ କରିବାରେ ଲାଗିଛନ୍ତି । ଉପସ୍ଥିତ ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା କୁମାର ଭାଇଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରାଯିବା ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସଭାକୁ ସମ୍ବୋଧନ କରି ମୁଖ୍ୟ ଅତିଥି ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ ଏକ ଉନ୍ନତ, ଶାନ୍ତ, ସଦଭାବନା ପୂର୍ଣ୍ଣ ଏବଂ ପ୍ରଦୂଷଣ ମୁକ୍ତ ଦୁନିଆ ଗଠନ ପାଇଁ କୁମାର ଭାଇ ଏବଂ ଶୋଭନୀୟ ଆନ୍ଦୋଳନ ଦ୍ୱାରା ପ୍ରଦର୍ଶିତ ମାର୍ଗକୁ ଗ୍ରହଣ କରିବାକୁ ସଚେତନ ନାଗରିକ ମାନଙ୍କୁ ନିବେଦନ କରିଥିଲେ । ହିଂସା, ଈର୍ଷା ଏବଂ ଅହଂକାରକୁ ପରିତ୍ୟାଗ କରି ଜୀବନରେ ଶୃଙ୍ଖଳା, ସହିଷ୍ଣୁତା ଏବଂ ଶାଳୀନତାକୁ ଆପଣେଇଲେ ସ୍ୱର୍ଗତଃ କୁମାର ଭାଇଙ୍କର ଅଧୁରା ସ୍ୱପ୍ନ ସାକାର ହୋଇପାରିବ ବୋଲି ଶ୍ରୀ ଦ୍ୱିବେଦୀ ମତ ପ୍ରକାଶ କରିଥିଲେ । ସମ୍ମାନୀୟ ଅତିଥି ବରିଷ୍ଠ ଆଇନଜୀବୀ ଅବନୀ ସାହୁ କୁମାର ଭାଇଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ କରି ସାଂପ୍ରତିକ ଯୁଦ୍ଧଖୋର୍ ଓ ଧ୍ୱଂସଗାମୀ ମନୋବୃତ୍ତିରୁ ପୃଥିବୀକୁ ଉଦ୍ଧାର କରିବାକୁ ହେଲେ କୁମାର ଭାଇଙ୍କର ଦର୍ଶନର ପ୍ରାସଙ୍ଗିକତା ଅଧିକ ଅନୁଭୂତ ହେଉଥିବା ଦର୍ଶାଇଥିଲେ । ମୁଖ୍ୟବକ୍ତା ସାଇବର ସୁରକ୍ଷା ବିଶେଷଜ୍ଞ ଡଃ ଦିବ୍ୟା ତୱଁର୍ ବର୍ତ୍ତମାନ ଯୁଗରେ ବୃଦ୍ଧି ପାଉଥିବା ସାଇବର ଅପରାଧ ନେଇ ଘୋର ଉଦବେଗ ପ୍ରକାଶ କରିଥିଲେ । ସାମାଜିକ ଗଣମାଧ୍ୟମଗୁଡ଼ିକୁ ସମ୍ୟକ ଉପଯୋଗ କରିବା ଏବଂ ସୀମିତ ସୂଚନା ନ୍ତଅପଲୋଡ଼ନ୍ତ କରିବା ଦ୍ୱାରା ସାଇବର ସୁରକ୍ଷା ପାଳନ କରାଯାଇ ପାରିବ ବୋଲି ଡ଼ଃ ତୱଁର୍ ପରାମର୍ଶ ଦେଇଥିଲେ । ବିଶିଷ୍ଟ ଅତିଥି ସୁପ୍ରିମକୋର୍ଟର ଅଧିବକ୍ତା ରାମ ଅବତାର ଶର୍ମା, ଶୋଭନୀୟ ଆନ୍ଦୋଳନ ଦେଶ ବିଦେଶରେ ଭାରତୀୟ ସଂସ୍କୃତି ଓ ସଂସ୍କାରକୁ ଯେଉଁଭଳି ଭାବେ ପ୍ରଚାର ଓ ପ୍ରସାର କରିବାରେ ଲାଗିଛି ତାର ଭୂୟସୀ ପ୍ରଶଂସା କରିଥିଲେ । ସାରା ବିଶ୍ୱକୁ ନ୍ତବସୁଧୈବ କୁଟୁମ୍ବକମ୍ନ୍ତ ନୀତିର ଆଧାରରେ ସ୍ନେହ, ଶ୍ରଦ୍ଧା ଏବଂ ସୌହାର୍ଦ୍ଦ୍ୟତାର ସୂତ୍ରରେ ଏକ ପାରିବାରିକ ବନ୍ଧନରେ ବାନ୍ଧି ରଖିବା ଏହି ସଂସ୍ଥାର ଉଦ୍ଦେଶ୍ୟ ବୋଲି ଶ୍ରୀ ଶର୍ମା କହିଥିଲେ । ମୁଖ୍ୟ ଆୟୋଜକ ବିଜୟନୀ ପ୍ରତିଷ୍ଠାନର ସଭାପତି ରୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାସଦେବ ନାୟକ, ପୁଷ୍ପାଞ୍ଜଳି ବାରିକ, ବିଭୁ ସାହୁ ଏବଂ ମଧୁ ଦାସ ପ୍ରମୁଖ ଉଦବୋଧନ ଦେଇଥିଲେ । ଏହି ଅବସରରେ ମହାକାଂକ୍ଷା ପ୍ରତିଷ୍ଠାନର ଅଧକ୍ଷ ପୁଷ୍ପାଞ୍ଜଳି ବାରିକ, ଟେନିସ ତାରକା ଦିଲ୍ଲୀପ ମହାନ୍ତି, ବରିଷ୍ଠ ସାମ୍ବାଦିକ ଭିପି ଶର୍ମା, ଗୁରୁମା ଗୀତାଞ୍ଜଳି ବେହୁରା, ସମାଜସେବୀ ବିମଳା ଦେବୀ ଏବଂ ଟିଭି ଉପସ୍ଥାପିକା ଅର୍ଚ୍ଚନା ସିଂହ ପ୍ରମୁଖଙ୍କୁ ଉଲ୍ଲେଖନୀୟ ସେବା ପାଇଁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ କୁମାର ଭାଇଙ୍କ ଦ୍ୱାରା ରଚିତ ଶୋଭନୀୟ ଆନ୍ଦୋଳନର ମହତ୍ତ୍ୱ ସମ୍ପର୍କିତ ସଙ୍ଗୀତ ଗାୟନ କରାଯାଇଥିଲା । ଏହା ପରେ ଉଦୀୟମାନ କଳାକାର ସମୃଦ୍ଧି ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ସାମାଜିକ ଗଣମାଧ୍ୟମରେ ବୈଠକର ସିଧା ପ୍ରସାରଣକୁ ନନ୍ଦନ ଦ୍ୱିବେଦୀ ଏବଂ ଆଦିତ୍ୟ ପାତ୍ର ଦକ୍ଷତାର ସହ ନିୟନ୍ତ୍ରଣ କରିଥିଲେ ।ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଜଗନ୍ନାଥ ମନ୍ଦିରର ସମ୍ପାଦକ ରବି ପ୍ରଧାନ, ବିନାୟକ ଦାସ, ଆଚାର୍ଯ୍ୟ ଅଭିମନ୍ୟୁ, ପ୍ରମୋଦ ରାଉତରାୟ, ଦିଲ୍ଲୀପ ଦାସ, ଶିଞ୍ଜୀରଶ୍ମି ଓ ନଳିନୀକାନ୍ତ ମିଶ୍ର, ଉତ୍ତମ କୁମାର, ଅର୍ଚ୍ଚନା ଓ ଚକ୍ରପାଣି ପରିଡ଼ା, ପ୍ରିୟତମା ଓ ଅସୀତ କର, ସରିତା ମହାପାତ୍ର, ହରପ୍ରିୟା ପ୍ରଧାନ, ବନ୍ଦନା କର, ଭାବନା କର ଓ ଓଜସ୍ୱିନୀ ଶତପଥୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

## ହରିଚନ୍ଦନପୁର ବ୍ଲକରେ ପଛୁଆ ବର୍ଗର ଚାଲିଛି ସର୍ଭେ (ଓବିସି)

ଭଗାମୁଣ୍ଡା:(ପି.ଏନ):ରାଜ୍ୟ ବ୍ୟାପି ଚାଲିଛି ପଛୁଆ ବର୍ଗର ସର୍ଭେ । ପ୍ରତ୍ୟେତ ଦିନ ପିକରଣ କେନ୍ଦ୍ରକୁ ୧୫ ରୁ ୨୦ ଜଣ ଲୋକ ଆସୁଛନ୍ତି । ଆଧାର କାର୍ଡ ଦେଖାଇ ପିକରଣ କରୁଛନ୍ତି । ଶିକ୍ଷାଗତ ଓ ସାମାଜିକ ସ୍ଥିତି ଉପରେ ସର୍ଭେ ହେଉଛି । ଏହି ସର୍ଭେରେ ସାମିଲ ହୋଇ ଲୋକମାନେ ନିଜର ତଥା ନିଜ ପରିବାରର ତଥ୍ୟ ଦେଉଛନ୍ତି । ଏହା ସକାଳ ୯ଟାରୁ ୧୨ଟା ଏବଂ ଅପରାହ୍ନ ୩ଟା ଠାରୁ ୬ଟା ପର୍ଯ୍ୟନ୍ତ କରାଯାଉଛି । ଉଭୟ ଅଫଲାଇନ୍ ଓ ଅନ୍‌ଲାଇନ୍ ମାଧ୍ୟମରେ ଏହି ସର୍ଭେ ହେଉଛି । ଆଧାରକାର୍ଡ, ଭୋଟର ପରିଚୟପତ୍ର, ପାନ୍‌କାର୍ଡ ପ୍ରଭୃତି ଦେଖାଇ ପାରିବେ । ଏହା ଚଳିତ ମାସ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ହରିଚନ୍ଦନପୁର ବ୍ଲକରେ ମୋଟ ୬୫ଟି ସର୍ଭେ କେନ୍ଦ୍ର ଖୋଲାଯାଇଛି ।

## ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ମହାସମାରୋହରେ ପାଳିତ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଚଳିତ ମଇ ୮ ତାରିଖ ସୋମବାର ଦିନ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି । କେନ୍ଦୁଝର ଅଡିଟୋରିୟମ୍‌ରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇ କହିଥିଲେ ଯେ ପ୍ରତ୍ୟେକ ଯୁବକ ଜଣେ ଜଣେ ଆଧୁନିକ ହେନେରୀ ଡୁନାଂଟ୍ ଓ ପ୍ରତ୍ୟେକ ଯୁବତୀ ଜଣେ ଜଣେ ଆଧୁନିକ ଫ୍ଲୋରେନ୍ସ୍ ନାଇଟିଙ୍ଗେଲ୍ । ସେମାନଙ୍କ କାର୍ଯ୍ୟଧାରାରେ ମାନବ ସେବା ଶିଖର ସ୍ପର୍ଶ କରୁଛି । ଅନେକ ଅସହାୟଙ୍କ ସହାୟ ହୋଇପାରୁଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ । ଉପଜିଲ୍ଲାପାଳ ଶ୍ରୀ ରାମଚନ୍ଦ୍ର କିସ୍କୁ ବିପର୍ଯ୍ୟୟ ସମୟରେ ଭାରତୀୟ ରେଡ୍‌କ୍ରସ୍ ସଂସ୍ଥାର କାର୍ଯ୍ୟଧାରା ସଂପର୍କରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ । ରେଡ୍‌କ୍ରସ୍ ସଂପାଦିକା ସୁରିକା ବେହେରା ରେଡ୍‌କ୍ରସ୍‌ର ଲକ୍ଷ୍ୟ, ଆଭିମୁଖ୍ୟ ଓ ସେବା କାର୍ଯ୍ୟର ବ୍ୟାପକତା ସଂପର୍କରେ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ସେଠୀ ରେଡ୍‌କ୍ରସ ଓ ହେନେରୀ ଡୁନାଂଟ୍‌ଙ୍କ ମାନବୀୟ କାର୍ଯ୍ୟ ଯୋଗୁଁ ଆଜି ସମଗ୍ର ବିଶ୍ୱର ମାନବ ସମାଜ ଉପକୃତ ହେଉଥିବା ସଂପର୍କରେ କହିବା ସହ ଏହା ଆହୁରି ବ୍ୟାପକ ହେବା ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ରେଡ୍‌କ୍ରସ୍ ଯୁଗ୍ମ ସଂପାଦକ ଶ୍ରୀ ଏ.ଆର୍.ଖାନ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆୟୋଜିତ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ରବିନ୍ଦ୍ର ବିଦ୍ୟାନିକେତନ ଛାତ୍ରୀ ସାଧନା ଦାଶ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରର ଛାତ୍ରୀ ଅଂଶିକା ପ୍ରିୟଦର୍ଶନୀ ସାହୁ ଦ୍ୱିତୀୟ ଏବଂ ଶ୍ୱେତାଶ୍ରୀ ମିଶ୍ର ତୃତୀୟ ସ୍ଥାନ ହାସଲ କରିଥିବାବେଳେ ବରିଷ୍ଠ ବର୍ଗରେ ବି.ଏସ୍.ସି. ନର୍ସିଂ ଛାତ୍ରୀ ପ୍ରିୟଦର୍ଶନୀ ଦାସ ପ୍ରଥମ, ଶୁଭଶ୍ରୀ ସାହୁ ଦ୍ୱିତୀୟ, ମୋନାଲିସା ବେହେରା, ତୃତୀୟ ସ୍ଥାନ ହାସଲ କରିଥିବାରୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ରେଡ୍‌କ୍ରସ୍ ପାଣ୍ଠି ବୃଦ୍ଧି ନିମନ୍ତେ ଆର୍ଥିକ ଦାନ ସଂଗ୍ରହରେ ଉଲ୍ଲେଖନୀୟ ସଫଳତା ପାଇଁ ଉପଜିଲ୍ଲାପାଳ, କେନ୍ଦୁଝର, ଜିଲ୍ଲା ଅବକାରୀ ସୁପରିନ୍‌ଟେଣ୍ଡେଂଟ୍, ବେସାମରିକ ଯୋଗାଣ ଅଧିକାରୀ, ଆଂଚଳିକ ପରିବହନ ଅଧିକାରୀ, ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ବଡବିଲ୍‌ଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜେଆରସି କାଉନସିଲର ତୃପ୍ତିମୟୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାମାଜିକ ସମର୍ଥନ ପ୍ରେମବିବାହ ପାଇଁ ଅଧିକରୁ ଅଧିକ ମିଳୁଛି : ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ

ଭୁବନେଶ୍ୱର,(ପି.ଏନ): ଆଇନ ଦୃଷ୍ଟିରୁ ପ୍ରେମବିବାହ ସପକ୍ଷରେ ଭାରତ ସଂବିଧାନ ଜାନୁୟାରୀ ୨୬, ୧୯୫୦ରୁ ରହିଛି । ସଂବିଧାନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଧାରା ହେଉଛି: "ଧାରା ୨୧" । ଏହି ଧାରାରେ ଜୀବନପ୍ରତି ଅଧିକାର ଓ ରୁଚିଗତ ଅଧିକାର ପାଇଁ ମୌଳିକ ଅଧିକାର ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଦିଆଯାଇଛି । ୧୮ ବର୍ଷ ଅତିକ୍ରମ କରିଥିବା ଯୁବତୀ ତାଙ୍କର ମନ ପସନ୍ଦ ଯୁବକଙ୍କୁ ବିବାହ କରିବା ଅଧିକାର ଏହି ଧାରା ଅନୁଯାଇ ହିଁ ପାଇଛନ୍ତି । ସଂବିଧାନରେ ଏହା ଥିଲେ ମଧ୍ୟ ଭାରତରେ ନାନା ଅନ୍ଧବିଶ୍ୱାସ, ଅନ୍ଧପରମ୍ପରା ଓ ଜାତିଆଣ ଭାବ ବହୁଦିନ ଧରି ବଳବତର ଥିଲା । ଏବେବି ଝିଅଙ୍କ ମୌଳିକ ଅଧିକାର ପ୍ରତି ଝିଅଙ୍କ ପିତାମାତା କେତେକ ସ୍ଥାନରେ କଠିନ ମନୋଭାବ ପୋଷଣ କରୁଛନ୍ତି । ଫଳତଃ ଯାଜପୁର ଜିଲ୍ଲା ବରି ଥାନା ଅନ୍ତର୍ଗତ ବରି ଗ୍ରାମର ୨୧ ବର୍ଷିଆ ଯୁବତୀ ନମିତା ସାହୁଙ୍କୁ ଆତ୍ମହତ୍ୟା କରିବାକୁ ପଡ଼ିଲା ଗତ ଏପ୍ରିଲ୍ ୨୪ ରେ । ତାଙ୍କର ଦୀର୍ଘଦିନର ପ୍ରେମ ସଂପର୍କ ରହିଥିଲା ସ୍ଥାନୀୟ ବିରିଜଂଘ ଗ୍ରାମର ୨୩ ବର୍ଷିୟ ଯୁବକ ପ୍ରଭାତ ଲେଙ୍କାଙ୍କ ସହିତ । ପ୍ରେମୀ ଯୁଗଳ ବିବାହ ପାଇଁ ବରି ପୋଲିସ୍ ଷ୍ଟେସନକୁ ମଧ୍ୟ ଯାଇଥିଲେ । ମାତ୍ର ପୋଲିସ୍ କର୍ତ୍ତୃପକ୍ଷ ଏ ଦିଗରେ ସହାୟତାର ହାତ ବଢ଼ାଇଲେ ନାହିଁ । ନମିତାଙ୍କ ବାପାଙ୍କ ବିରୋଧ ହେତୁ ବିବାହ ଦିଗରେ କୌଣସି ଆଶା ଭରସା ରହିଲା ନାହିଁ । ଫଳତଃ ପ୍ରଭାତ ଲେଙ୍କା ୨୩/୦୪ ରାତିରେ ଆତ୍ମହତ୍ୟା କଲେ । ଏହାର ପରଦିନ ପ୍ରେମିକା ଦଉଡ଼ି ଦେଇ ନିଜର ଜୀବନ ହାରିଲେ । ଜାତିଗତ ନିଷ୍ଠୁରତା ହେତୁ ଦୁଇ ଯୁବ ପ୍ରାଣଙ୍କ ଜୀବନ ଲିଭି ଗଲା ଅସମୟରେ । ସବୁଠାରୁ ଆନନ୍ଦର କଥା ଦେଶର ସୁପ୍ରିମ୍ କୋର୍ଟ ୨୦୧୮ ମାର୍ଚ୍ଚ ମାସ ୮ ତାରିଖରେ ପ୍ରତ୍ୟେକ ଯୁବତୀଙ୍କୁ ମନପସନ୍ଦ ବିବାହ କରିବା ପାଇଁ ଶତପ୍ରତିଶତ ଅଧିକାର ଦେଇଛନ୍ତି । କେରଳର ହାଦିଆ ମାମଲାକୁ ସମାଧାନ କରିବାକୁ ଯାଇ ତତ୍‌କାଳୀନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପକ୍ ମିଶ୍ର କହିଥିଲେ ଯେ, ୧୮ ବର୍ଷ ଅତିକ୍ରମ କରିଥିବା ଯୁବତୀଙ୍କର ନିଜ ଶରୀର ଉପରେ ସଂପୂର୍ଣ୍ଣ ଅଧିକାର ରହିଛି । ଅର୍ଥାତ୍ "ବିବାହ" ତାଙ୍କ ବ୍ୟକ୍ତିଗତ ଜୀବନର ପ୍ରଧାନ କ୍ଷେତ୍ର । ଏହି କ୍ଷେତ୍ରରେ ତାଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରିବାର ସାମାନ୍ୟତମ ଆଇନଗତ ବଳ ତାଙ୍କ ପିତାମାତାଙ୍କର ନାହିଁ । ସୁଖର କଥା ଏହି ଯେ, ନିକଟରେ ହୋଇଥିବା ୪ଟି ଆମୋଫୋଇ ବିବାହରୁ ଏହା ବେଶ୍ ସୂଚୀତ ଯେ ପ୍ରେମବିବାହ ପାଇଁ ଜାତିଗତ ଧର୍ମଗତ ଭେଦଭାବ ମରିମରି ଯାଉଛି ଏବଂ ଏ କ୍ଷେତ୍ରରେ ସାମାଜିକ ସ୍ୱୀକୃତି ବା ସାମଜିକ ଆଦର ଭାବ ବଢ଼ିବଢ଼ି ଯାଉଛି । ଗଜପତି ଜିଲ୍ଲା ବୋରିଗୁମା ଥାନା ଅଧୀନସ୍ଥ ଯୁବକ ଅଫିର୍ ଇବ୍ରାହିମ୍ ଖୋରା ନିଜ ଅଂଚଳର ଦଳିତ ଡ଼ମ୍ ଜାତିର ଯୁବତୀ ଦେବକୀ ହରିଜନଙ୍କୁ ମେ ମାସ ୨ ତାରିଖରେ ଫୁଲମାଳ ଆଦାନପ୍ରଦାନରେ "ଆମୋଫୋଇ"ରେ ପ୍ରେମବିବାହ କରିଛନ୍ତି । ଧର୍ମଦୃଷ୍ଟିରୁ ଯୁବତୀ ହିନ୍ଦୁ ଧର୍ମର । ମାତ୍ର ତାଙ୍କ ପ୍ରେମିକ ଲୁଥେରାନ୍ ଖ୍ରୀଷ୍ଟଧର୍ମର । ତଥାପି ଏହି ବିବାହରେ ଯୁବକଙ୍କ ପିତା ସୁରେନ୍ଦ୍ର ଖୋରା ଉପସ୍ଥିତ ରହି ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ ।ସେହିପରି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଗ୍ରାମର ତ୍ରିଲୋଚନ ଚମ୍ପତି ଜଣେ ଖଣ୍ଡାୟତ ଯୁବକ ହୋଇଥିଲେ ବି ତାଙ୍କ ନିଜ ଗ୍ରାମର ଦଳିତ "ଧୋବା" ଯୁବତୀ ମଧୁସ୍ମିତା ସେଠୀଙ୍କୁ ସେ ଆମୋଫୋଇରେ ପ୍ରେମବିବାହ କରିଛନ୍ତି । ବିବାହ ପୂର୍ବରୁ ପ୍ରେମୀ ଯୁଗଳ "ଲିଭ୍ ଇନ୍ ରିଲେସନ୍‌ସିପ୍"ରେ ଅଢ଼େଇ ମାସରୁ ଅଧିକ କାଳ ରହିଥିଲେ । ସାମାଜିକ ସମର୍ଥନ ନଥିଲେ ଏହା ଆଦୌ ସମ୍ଭପର ହୋଇନଥାନ୍ତା । ଧର୍ମଗତ ବ୍ୟବଧାନକୁ ଭ୍ରୁକ୍ଷେପ ନକରି ବ୍ରହ୍ମପୁର ସହର ମୁସ୍‌ଲିମ୍ ଯୁବକ ଅମୀର ଖାଁ ଏବଂ ଉକ୍ତ ସହର ହିନ୍ଦୁ ଯୁବତୀ ରିତୁ ସାହୁ ନିଦ୍ୱନ୍ଦରେ ଆମୋଫୋଇରେ ଉଭୟ ପ୍ରେମବିବାହ କରିଛନ୍ତି ମେ ୨ ରେ । ବିଶେଷ ଉଲ୍ଲେଖନୀୟ ବିବାହ ଆମୋଫୋଇରେ ଘଟିଯାଇଛି ଗତ ୦୬.୦୫.୨୦୨୩ ରେ । ରାଜମିସ୍ତ୍ରୀ କାର୍ଯ୍ୟକରି ଚଳୁଥିବା ଯୁବକ ଗୌରାଙ୍ଗ ଦାସ ଓବିସି ଗଉଡ଼ ଘରର ଯୁବକ ହେଲେ ହିଁ ସେ ନିର୍ବିଘ୍ନରେ ତାଙ୍କର ପ୍ରେମିକା ଦଳିତ ବାଉରି ଜାତିର ଯୁବତୀ ସୁଜାତା ଭୋଇଙ୍କୁ ବିବାହ କରିପାରିଛନ୍ତି । ଏହି ବିବାହ ଉତ୍ସବରେ ନବଦମ୍ପତିଙ୍କୁ ସ୍ନେହମମତା ଅଜାଡ଼ି ଦେଇଥିଲେ ପ୍ରେମିକ ଗୌରାଙ୍ଗଙ୍କ ପିତା ଚନ୍ଦ୍ରମଣି ଦାସ । ଏହା ସତ୍ୟ ଯେ ପ୍ରେମବିବାହ ପଥକୁ ସୁନ୍ଦର ଓ ମଜ୍‌ବୁତ୍ କରିବା ପାଇଁ ଚରିତ୍ରବାନ ଯୁବକ ଯୁବତୀଙ୍କର ବିଶେଷ ଆବଶ୍ୟକତା ରହିଛି । କୌଣସି ପ୍ରେମିକାଙ୍କୁ କୌଣସି ପ୍ରେମିକ ଧୋକା ଦେବା, ପ୍ରତାରଣା କରିବା ଆଦୌ ଉଚିତ୍ ନୁହେଁ । ଭୁବନେଶ୍ୱର ମହିଳା ଥାନାର କର୍ତ୍ତୃପକ୍ଷ ଇତିମଧ୍ୟରେ ଏକ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି । ଭୁବନେଶ୍ୱର ଜଣେ ଯୁବତୀଙ୍କୁ ପ୍ରତାରଣା କରିଥିବା ଇଂ. ଅଜିତ୍ କୁମାର ଭୋଇ କୁ ସ୍ଥାନୀୟ ପୋଲିସ୍ ବରଗଡ଼ ଜିଲ୍ଲାକୁ ଯାଇ ମି. ଭୋଇଙ୍କୁ ଗିରଫ କରିଛନ୍ତି ଏବଂ ତାଙ୍କର ଯୋଗାଡ଼ ବିବାହକୁ ପଣ୍ଡ କରିଛନ୍ତି । ଗିରଫ ପରେ ସଂପୃକ୍ତ ପ୍ରତାରକ ଯନ୍ତ୍ରୀଙ୍କୁ କୋର୍ଟ ଫରୱାର୍ଡ଼ କରାଯାଇଛି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ



# ପାରାଦୀପ ପୋଲିସ ଦ୍ୱାରା ୧୪ ବାଇକ୍ ଉଦ୍ଧାର ଓ ୩ ଗିରଫ



ପାରାଦୀପ,(ପି.ଏନ): ପାରାଦୀପ ଅଂଚଳର ବିଭିନ୍ନ ସ୍ଥାନରୁ କିଛି ଦିନ ହେବା ଲଗାତର ଭାବେ ବାଇକ୍ ଲୁଟେରା ବାଇକ୍ ଚୋରୀ କରି ପୋଲିସ୍ ଆଖିରେ ଧୂଳି ଦେଇ ଫେରାଇ ହୋଇଯାଉଥିଲେ । ନିୟମିତ ଭାବେ ଚୋରୀ ସମ୍ପର୍କରେ ପାରାଦୀପ ଆଦର୍ଶ ଥାନାରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଗତ ୨ତାରିଖ ଦିନ ରାତି ପ୍ରାୟ ସାଢେ ୯ଟା ସମୟରେ ପାରାଦୀପ ବାଲିଝରା ବସ୍ତିରେ ରହୁଥିବା ବିଭାସ ଚନ୍ଦ୍ର ସୁନ୍ଦରା ପାରାଦୀପ ବଡପଡିଆ ମାର୍କେଟ୍‌କୁ ସଉଦା ପାଇଁ ଆସି ତାଙ୍କ ବାଇକ୍ ରଖି ଯାଇଥିଲେ । ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ । ଏ ସମ୍ପର୍କରେ ବିଭାସ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ । ପୋଲିସ୍ ୧୮୫/୨୩ରେ ମାମଲା ରୁଜୁ କରି ତଦ଼ଂ ଆରମ୍ଭ କରିଥିଲେ । ଗତ ଶନିବାର ଦିନ ପାରାଦୀପ ପୋଲିସ୍ ଦୁଇ ବାଇକ୍ ଲୁଟେରା ଓ ଜଣେ ଗ୍ରାହକ ଗିରଫ କରି ବଡ ସଫଳତା ହାସଲ କରିଛି । ଥାନାର ସବ୍-ଇନସ୍‌ପେକ୍ଟର ରଶ୍ମି ରଂଜନ ସାହୁ ତଦ଼ଂ କରି ମୋଟର ସାଇକେଲ୍ ଚୋରୀ ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଂର୍ଗତ ମରିଚପୁର ଅଂଚଳର ପ୍ରତାପ ଦାସଙ୍କ ପୁଅ ସୁରେଶ ଦାସ ଓରଫ ଟୁଟୁ(୨୯) ଓ ଏରସମା ଥାନା ଅଂର୍ଗତ ବଉଲପୁର ଗ୍ରାମର ପବିତ୍ର ଜେନାଙ୍କ ପୁଅ ଦିଲ୍ଲୀପ ଜେନା (୩୮)ଙ୍କୁ ଗିରଫ କରିଥିଲେ । ସେମାନଙ୍କ ନିକଟରୁ ୧୪ ଗୋଟି ମୋଟର ସାଇକେଲ୍ ଜବତ ହୋଇଥିବା ନେଇ ରବିବାର ଦିନ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ ପାରାଦୀପ ଆଦର୍ଶ ଥାନା ଅଧିକାରୀ ସବ୍ୟସଚୀ ରାଉତଙ୍କ ଉପସ୍ଥିତିରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ ମଧ୍ୟରୁ ଗୋଟିଏ ମୋଟର ସାଇକେଲ ଏରସମା ଥାନା ଅଂର୍ଗତ ଖଟିକୋଲଦା ଗ୍ରାମର ସପନ କୁମାର ପରିଡାଙ୍କ ପୁଅ ଦିଲ୍ଲୀପ ପରିଡାକୁ ବିକ୍ରି କରିଥିଲେ । ପୋଲିସ୍ ସେହି ଗାଡିକୁ ମଧ୍ୟ ଦିଲ୍ଲୀପ ପରିଡାଙ୍କ ଠାରୁ ଜବତ କରିବା ସହିତ ତାଙ୍କୁ ମଧ୍ୟ ଗିରଫ କରିଛି । ରବିବାର ଦିନ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଛି । ୫ ଗୋଟି ମୋଟର ସାଇକେଲ୍‌ର ନମ୍ବର ଆଦି ଠିକ୍ ଥିବାବେଳେ ଗୋଟିଏ ମୋଟର ସାଇକେଲ୍‌ର ଚୋରୀ ସମ୍ପର୍କରେ ପୁରୀ ଜିଲ୍ଲା କାକଟପୁର ଥାନାରେ ଅଭିଯୋଗ ଥିବା ନେଇ ଓ ଅନ୍ୟ ମୋଟର ସାଇକେଲ୍ ଗୁଡିକର ଇଂଜିନ୍ ନମ୍ବର,ଚେଚିସ୍ ନମ୍ବର ଆଦି ଅଭିଯୁକ୍ତମାନେ ନଷ୍ଟ କରି ଦେଇଛନ୍ତି ଏବଂ ସେ ନେଇ ପୋଲିସ୍ ଅନୁସନ୍ଧାନ ଜାରୀ ରଖିଛି ବୋଲି ଶ୍ରୀ ସେଠୀ ସୂଚନା ଦେଇଥିଲେ ।

# ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ଦ୍ୱାରା ଶିଶୁମାନଙ୍କ ପାଇଁ ଗ୍ରୀଷ୍ମ କାଳୀନ ଶିବିର ଆୟୋଜନ




ଭୁବନେଶ୍ୱର(ପି.ଏନ): ଗ୍ରୀଷ୍ମ ସମୟରେ ରେଳ କର୍ମଚ଼ାରୀଙ୍କ ପିଲାମାନଙ୍କୁ ବିଭିନ୍ନ ଅବକାଶ ମୂଳକ କାର୍ଯ୍ୟରେ ନିୟୋଜିତ କରିବା ଏବଂ ବିଭିନ୍ନ ପ୍ରକାରର ସୃଜନଶୀଳ କାର୍ଯ୍ୟକଳାପ ପ୍ରଦାନ କରିବା ପାଇଁ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ଦ୍ୱାରା ରେଳ ବିହାର ଠାରେ ଶିଶୁମାନଙ୍କ ପାଇଁ ଏକ ଗ୍ରୀଷ୍ମ କାଳୀନ ଶିବିର ଆୟୋଜନ କରାଯାଇ ଅଛି ।ଇକୋରୋ ର ସଭାପତି ଶ୍ରୀମତୀ ଦିବ୍ୟା ଶର୍ମା। ସଂଗଠନର ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ଶିବିରର ଉଦଘାଟନ କରିଥିଲେ ଏବଂ ପିଲାମାନଙ୍କୁ ସେମାନଙ୍କର ଅନ୍ତର୍ନିହିତ ଗୁଣ ପ୍ରକାଶ କରିବାକୁ ଉତ୍ସାହିତ କରିଥିଲେ । ଶିବିରର ପିଲାମାନେ କାଦୁଅ, ବାଲି, କାଗଜପତ୍ର ଏବଂ ଜୀବନ୍ତ ରଙ୍ଗ ସହିତ ଖେଳିବା ପାଇଁ ଏକ ବିଶେଷ ସମୟ ପାଇବେ ଯାହା ସହିତ ସେମାନେ ସେମାନଙ୍କର ଭାବନାକୁ ପରିପ୍ରକାଶ କରିପାରିବେ। ଏହା ବ୍ୟତୀତ ପିଲାମାନେ ଅନ୍ୟ ଶିବିର ସାଥୀମାନଙ୍କୁ ଦେଖି ଶିଖିପାରିବେ ଏବଂ ନିଜ ଭିତରେ ଲୁକ୍କାୟିତ ପ୍ରତିଭାଗୁଡ଼ିକୁ ଅନୁସନ୍ଧାନ କରିବା ସହିତ ନିଜକୁ ବିକଶିତ କରିପାରିବେ ।ଏହି ଶିବିରରେ ପିଲାମାନେ ପୃଥକ ଭାବରେ ଯୋଗ ଏବଂ ଧ୍ୟାନ, ଏରୋବିକ୍ସ ଏବଂ ଅନ୍ୟାନ୍ୟ ସୃଜନଶୀଳ କାର୍ଯ୍ୟ ଯେପରିକି ଚ଼ିତ୍ର, କଳା ଏବଂ ହସ୍ତଶିଳ୍ପ ଇତ୍ୟାଦି, ସଙ୍ଗୀତ, ନୃତ୍ୟ ମଧ୍ୟ ପିଲାମାନଙ୍କୁ ଏହି ପ୍ରଶସ୍ତ ପ୍ଲାଟଫର୍ମରେ ସେମାନଙ୍କର ଅନ୍ତର୍ନିହିତ ଗୁଣଗୁଡିକ ପ୍ରକାଶ କରିବାକୁ ଶିକ୍ଷା ଦିଆଯିବ । ଉପରୋକ୍ତ ବ୍ୟତୀତ ପିଲାମାନେ ଦିନକୁ ଦିନ ନିଜ ଜୀବନକୁ ବଜାୟ ରଖିବା ପାଇଁ ସେଲଫ୍ ଡିଫେନ୍ସ ଏବଂ ଫାୟାରଲେସ୍ ରନ୍ଧନ ଶିଖିବେ ।ଏହି ଗ୍ରୀଷ୍ମ ଶିବିରରେ ରେଳ କର୍ମଚ଼ାରୀଙ୍କ ପ୍ରାୟ ୫୨ ପିଲା ଅଂଶଗ୍ରହଣ କରୁଛନ୍ତି। ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞ ପ୍ରଶିକ୍ଷକମାନେ ପିଲାମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ସଂଗଠନର ସମ୍ପାଦିକା ଶ୍ରୀମତୀ ମନମିତା ମଣ୍ଡଳ, ସହ ସମ୍ପାଦିକା ଶ୍ରୀମତୀ ସଞ୍ଚିତା ନସ୍କର ଏବଂ କୋଷାଧ୍ୟକ୍ଷ ଶ୍ରୀମତୀ ଭାରତୀ ନିନାୱେ ଏବଂ ଇକୋରୋର ଅନ୍ୟ ସଦସ୍ୟମାନେ ଗ୍ରୀଷ୍ମ ଶିବିରରେ ପିଲାମାନଙ୍କ ପାଇଁ ଇଭେଣ୍ଟଗୁଡିକୁ ସକ୍ରିୟ ଭାବରେ ସମନ୍ୱୟ କରୁଛନ୍ତି ।

# କିମ୍ସରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ



ଭୁବନେଶ୍ୱର, (ପି.ଏନ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନସେସ୍ (କିମ୍ସ), ଭୁବନେଶ୍ୱରରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କିମ୍ସ ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି, କିମ୍ସ ପ୍ରଦ୍ୟୁମ୍ନ ବଳ ମେମୋରିଆଲ୍ ହସ୍ପିଟାଲ୍‌ର ଅଧୀକ୍ଷକ ପ୍ରଫେସର ରାମ ଚନ୍ଦ୍ର ଦାସ, ଏକାଡେମୀ ଅଫ୍ ପେଡିଆଟ୍ରିକ୍, ଖୋର୍ଦ୍ଧାର ସଭାପତି ଚୌଧୁରୀ ଜଗନ୍ନାଥ ରାଓ, ଏବଂ ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍‌ର ସଭାପତି ନିଳମାଧବ ଜେନା ପ୍ରମୁଖ ଯୋଗଦେଇ ଥାଲାସେମିଆ ରୋଗର କାରଣ ଓ ଚିକିତ୍ସା ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷର ବିଷୟ ବସ୍ତୁ 'ବି ଆୱେର, ସେୟାର, କେୟାର: ଷ୍ଟ୍ରେଙ୍ଗଦେନିଙ୍ଗ୍ ଏଡୁକେସନ୍ ଟୁ ବ୍ରିଜ୍ ଦ ଥାଲାସେମିଆ ଗ୍ୟାପ୍' ରଖାଯାଇଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଥାଲାସେମିଆ ରୋଗର କାରଣ ଓ ଚିକିତ୍ସା ସମ୍ପର୍କରେ ଅବଗତ କରାଇବା। ଏହା ଏକ ରକ୍ତ ବିକାର ଜନିତ ସମସ୍ୟା। ଥାଲାସେମିଆ ସାଧାରଣତଃ ଦୁଇ ପ୍ରକାରର ଏବଂ ଏହାକୁ ଆଲଫା ଏବଂ ବିଟା ଭାବରେ ନାମିତ କରାଯାଇଛି। ଏହା ଏକ ବଂଶାନୁଗତ ରୋଗ ଯାହା ବାପା ମାଆଙ୍କଠାରୁ ପିଲାକୁ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଥାଲାସେମିଆ ରୋଗୀଙ୍କ ଶରୀରରେ ପର୍ଯ୍ୟାପ୍ତ ହିମୋଗ୍ଲୋବିନ୍ ସୃଷ୍ଟି ହୋଇ ନ ଥାଏ। ଏହି ରୋଗରେ ଆକ୍ରାନ୍ତ ହେଉଥିବା ପିଲାମାନଙ୍କୁ ନିୟମିତ ବ୍ୟବଧାନରେ ରକ୍ତର ଆବଶ୍ୟକତା ପଡ଼ିଥାଏ। ଥାଲାସେମିଆ ରୋଗୀଙ୍କଠାରେ ଦୁର୍ବଳ ଲାଗିବା, ପେଟରେ ଯନ୍ତ୍ରଣା, ତ୍ୱଚା ହଳଦିଆ ପଡ଼ିବା ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ। ଏହି ରୋଗୀମାନେ ନିୟମିତ ହିମୋଗ୍ଲୋବିନ୍ ପରୀକ୍ଷା କରାଇବା ଦରକାର। ଏହି ରୋଗୀଙ୍କ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ହେଲା ବ୍ଲଡ ଷ୍ଟେମ୍ ସେଲ ଟ୍ରାନ୍ସପ୍ଲାଣ୍ଟ ଏବଂ ଅସ୍ଥିମଜ୍ଜା ପ୍ରତିରୋପଣ। ଉଚିତ୍ ସମୟରେ ଥାଲାସେମିଆ ରୋଗୀଙ୍କ ଚିକିତ୍ସା କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼ିପାରନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ। ଏହି ରୋଗକୁ ରୋକିବାକୁ ହେଲେ ପ୍ରସବ ପୂର୍ବରୁ ନିରାକରଣ କରିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିମ୍ସ ଶିଶୁରୋଗ ବିଭାଗ ମୁଖ୍ୟ ଡା. ମାନସ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ପେଡିଆଟ୍ରିକ୍, ପେଡିଆଟ୍ରିକ୍-ହେମାଟୋଲୋଜି, ହେମାଟୋଲୋଜି, ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍, ସ୍ତ୍ରୀ-ରୋଗ, ବାୟୋକେମେଷ୍ଟ୍ରି, ପାଥୋଲୋଜି ଏବଂ କମ୍ୟୁନିଟି ମେଡିସିନ୍ ବିଭାଗର ଡାକ୍ତର, ପ୍ରଫେସର, ପିଜି ଏବଂ ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ କିମ୍ସରେ ଚିକିତ୍ସିତ ହେଉଥିବା ଥାଲାସେମିଆ ରୋଗୀ ଏବଂ ସେମାନଙ୍କ ପିତାମାତାମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଆପେକ୍ସ ବଡି ଅଫ ୱର୍କିଙ୍ଗ ଜନାରଲିଷ୍ଟ ଏସୋସିଏସନ ଅଫ ଇଣ୍ଡିଆର ସାଧାରଣ ବୈଠକ ଅନୁଷ୍ଠିତ ଏବଂ ସର୍ବ ଭାରତୀୟ କାର୍ଯ୍ୟରତ ସାମ୍ବାଦିକଙ୍କ ସାଧାରଣ ବୈଠକ



ରାୟପୁର, (ପି.ଏନ):-ରାୟପୁରସ୍ଥିତ ବୃନ୍ଦାବନ ହଲରେ ଆପେକ୍ସ ଜନାରଲିଷ୍ଟ ଏସୋସିଏସନ ଅଫ ଇଣ୍ଡିଆର ସାଧାରଣ ବୈଠକ ତଥା ଜନାରଲିଷ୍ଟ ଓ ଭାରତରେ ପ୍ରତ୍ୟେକ ନାଗରିକଙ୍କର ଦେଶ ଗଠନ କରିବାରେ ବିଷୟ ବସ୍ତୁକୁ ନେଇ ଏକ ଆଲୋଚ଼ନା ଚ଼କ୍ର ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ସୁନୀଲ କୁମାର ମିଶ୍ରଙ୍କର ସଭାପତିତ୍ୱରେ, ବରିଷ୍ଠ ଆଇନଜୀବି ତଥା ଅନୁଷ୍ଠାନର ଆଇନ ପରାମର୍ଶ ଶ୍ରୀମତୀ ନିବେଦିତା ମିଶ୍ର, ବରିଷ୍ଠ ଲେଖକ ଓ କବି ଗୋବର୍ଦ୍ଧନ ପାଣିଗ୍ରାହୀ, ସାମ୍ବାଦିକ ବିଜୟ ପାଣ୍ଡେ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ ଓ ବରିଷ୍ଠ ସାମ୍ବାଦିକ ରାମ ପ୍ରସାଦ ବଖେଲ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲା ଓ ଅନୁଷ୍ଠାନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ଉପସ୍ଥିତ ସମସ୍ତ ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନଙ୍କୁ ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ, ଲକ୍ଷ୍ୟ ତଥା ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ବନ୍ଧରେ ଜଣାଇଥିଲେ ଓ ସମସ୍ତ ସାମ୍ବାଦିକ ବନ୍ଧୁ ଏକତ୍ରିତ ହୋଇ ସାମ୍ବାଦିକ ମାନଙ୍କର ଆର୍ଥିକ ତଥା ସମସ୍ତ ପ୍ରକାର ଉନ୍ନତି ପାଇଁ ସମସ୍ତଙ୍କୁ ନେଇ 'ଆୱାଜ ଅଫ ଇଣ୍ଡିଆ ' ଏବି ଓ ବ୍ଲୁ ଜେଏ ଆଇ ଗଠନ କରାଯାଇଛି ବୋଲି କହିଥିଲେ ଓ ସାମ୍ବାଦିକ ମାନେ ପ୍ରକୃତରେ ଚ଼ତୁର୍ଥ ସ୍ତମ୍ଭଠୁ ମଧ୍ୟ ଉର୍ଦ୍ଧ୍ୱ , ସାମ୍ବାଦିକ ମାନେ ପ୍ରକୁତ୍ୱାଟରେ ନ୍ୟାୟ ମୂର୍ତ୍ତି ପରି ଯେହେତୁ ସାମ୍ବାଦିକ ମାନେ ସବୁ ପ୍ରକାର ବାଧା ବିଘ୍ନ ଘାତ ପ୍ରତିଘାତ ଅତିକ୍ରମ କରି ଅସହାୟ, ଗରିବ ତଥା ସମାଜର ଯେ କୌଣସି ବ୍ୟକ୍ତି ପ୍ରତି ଅନ୍ୟାୟ ହୋଇଥିଲେ ତାହାକୁ ଅନୁସନ୍ଧାନ ଓ ତର୍ଜମା କରି କଲମ ମୁନରେ ଖବର କାଗଜରେ ସତ୍ୟ ପ୍ରକାଶ କରି ନ୍ୟାୟ ଆଣିଦେଇଥାଏ ସ ସାମ୍ବାଦିକ ମାନଙ୍କର ସମାଜରେ ଏକ ସ୍ୱତନ୍ତ୍ର ପରିଚ଼ୟ ରହିଛି ତେଣୁ ଆମେ ଭୟଭୀତ ନ ହୋଇ ନିର୍ଭୀକ ଭାବରେ ସାମ୍ବାଦିକତା କରି ଚ଼ାଲିବାକଥା ଓ ଯେହେତୁ ସମ୍ବାଦପତ୍ର ସମାଜର ଦର୍ପଣ ତେଣୁ ଭୂଲ ସମାଚ଼ାର ବା ତଥ୍ୟ ସମାଜକୁ ଯିବା କଥା ନୁହେଁ ଓ ଆଜି ପର୍ଯ୍ୟନ୍ତ ଯେହେତୁ ସମ୍ବିଧାନର ଅନ୍ୟ ତିନି ସ୍ତମ୍ଭ ମୁହଁରୁ ସାମ୍ବାଦିକ ମାନଙ୍କୁ ସମ୍ବିଧାନର ଅନ୍ୟ ତିନି ସ୍ତମ୍ଭ କେବଳ, କିନ୍ତୁ କାଗଜ କଲମରେ ସରକାର ସାମ୍ବାଦିକମାନଙ୍କୁ ଚ଼ତୁର୍ଥ ସ୍ତମ୍ଭର ସରକାର ସ୍ୱୀକୃତି ଦେଇନାହିଁ, ଆମେ ସମସ୍ତେ ଏକ ଜୁଟ ହୋଇ ସରକାରଙ୍କ ଠାରେ ଦାବି ଉପସ୍ଥିତ କରିବା ଏବଂ ଯେହେତୁ ୨୦୨୪ ସାଲରେ ସାଲରେ ସାଧାରଣ ନିର୍ବାଚ଼ନ ହେବ , ସରକାର ନିଶ୍ଚିତ ସରକାର ନିଶ୍ଚିତ ଭାବରେ ବାଧ୍ୟ ହୋଇ ସାମ୍ବାଦିକ ମାନଙ୍କୁ ସମ୍ବିଧାନର ଚ଼ତୁର୍ଥ ସ୍ତମ୍ଭ ଭାବରେ ମାନ୍ୟତା ଦେବା ଆମ ହାତରେ କାଗଜ କଲମ ଅଛି ଓ ଆମେ ସରକାରର ସମସ୍ତ ପ୍ରକାର ଭୁଲ ତଥା ଅନ୍ୟାୟ ଅତ୍ୟାଚ଼ାର ନିରୀହ ପ୍ରତି ହଇରାଣ ହରକତକୁ କାଗଜ କଲମ ମାଧ୍ୟମରେ ପ୍ରକାଶିତ କରି ସରକାରଙ୍କୁ ଭାଙ୍ଗି ଦେଇ ପାରିବଓ ସରକାର ବାଧ୍ୟ ହୋଇ ଚ଼ତୁର୍ଥ ସ୍ତମ୍ଭରେ ସ୍ୱୀକୃତି ଦେବେ ଓ ରାୟପୁର ପ୍ରେସକ୍ଲବ ସଭାପତି ଦାମୁ ଅମ୍ବେଦଓରେ , ବରିଷ୍ଠ ସାମ୍ବାଦିକ ତଥା ଅମରିତ ସନ୍ଦେଶ ହିନ୍ଦୀ ନୈନିକ ଖବର କାଗଜର ପୂର୍ବତନ ସମ୍ପାଦକ ବାବୁଲାଲ ଶର୍ମା, ବରିଷ୍ଠ ସାମ୍ବାଦିକତା ହିରହାନ୍ଦ୍ରୀ, ଜୟଶଙ୍କର ପଟ୍ଟନାୟକ, ରାମ ପ୍ରସାଦ କଘେଲ, ମୁରଲୀ ବେହେରା ସହ ସଙ୍ଗଠନ ସମ୍ପାଦକ, ସାମ୍ବାଦିକ ବଂଶୀଧର ମୁଦୁଲି, ଅରଧେନ୍ଦୁ ସରକାର, ସୁଶାନ୍ତ ଦାଶ, ସାଥୀ ବିଶ୍ୱାସ, ସଂଜିତ ବିଶ୍ୱାସ, ସିତାସିଂ, ଡ. ଅଭଓଶର୍ମା, ବରିଷ୍ଠ ଆଡ଼ଭୋକେଟ ଉମାକାନ୍ତ ମିଶ୍ର, ପ୍ରଫେସରଡ . ଦେବଦତ୍ତ ପୃଷ୍ଟି, ଯୋଗେଶ ତିୱାରୀ, ରାଜେଶ ତେଲିୱାନ, ହେମନ୍ତ ଯାଦବ ,ଓମ ଅଗ୍ରୱାଲ, କବିତା ବାନାର୍ଜୀ, ପ୍ରତାପ ସିଂ, ହରଲୀନ କଉର, କ୍ରିଷ୍ଣକାନ୍ତ ବରମା, ମହାବୀର ସିହ୍ନଓ, ଭରତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ଓ 'ଆହ୍ୱାନ' ଇଣ୍ଡିଆ ସମସ୍ତଙ୍କୁ ଜଣାଇଥିଲେ ଯେ ଏଣିକି ପ୍ରଧାନ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଏମ .ଏଲ. ଏ ,ଏମ. ପି ବା କୌଣସି ରାଜନୈତିକ ନେତା ମାନଙ୍କୁ ନିମନ୍ତ୍ରଣ କରିବ ନାହିଁ ଓ "ଆୱାଜ ଇଣ୍ଡିଆର"ଜାତୀୟ ସଙ୍ଗଠନ ସମ୍ପାଦକ ମହେଶ୍ୱର ସେଠୀ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଓ ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ସାମ୍ବାଦିକଙ୍କର ମତ ହେଲା ଦେଶ ଗଠନରେ ସମସ୍ତଙ୍କର କିଛି ନଓ କିଛି ଭୂମିକା ରହିଛି ଓ ଶେଷରେ ସମାଜ ସେବୀ ତଥା ମନସ୍ତତ୍ତ୍ୱବିତ ବା ମନ ବୈଜ୍ଞାନିକ ଶ୍ରୀୟା ମିଶ୍ର ଧନ୍ୟବାଦ ଦେଇଥିଲେ ଓ "ଆୱାଜ ଇଣ୍ଡିଆର" ଆଗାମୀ ବୈଠକ ହାଇଦ୍ରାବାଦ ଓ ତା ଆଗରୁ ଭୁବନେଶ୍ୱର ସ୍ଥିତ 'ମେଫେୟାର' ହୋଟେଲରେ ଏକ ବଡ ଧରଣର 'ଗେଟ ଟୁ ଗେଦର ' ହେବ ଓ 'ଜଗତର ନାଥ ଜଗନ୍ନାଥଙ୍କ ' ଆଶୀର୍ବାଦ ନେବା ପାଇଁ ସମସ୍ତଙ୍କୁ ପୁରୀ ଦର୍ଶନ କରାଯିବ ଓ




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray